୬ ପ୍ରଥମ ଖୋ ଖୋ ବିଶ୍ୱ ଚାମ୍ପିଅନ ହେଲା ଭାରତୀୟ ମହିଳା ଦଳ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ବର୍ଣ୍ଣନା ବାଧ୍ୟକାରରେ ମା ଫକେଶ୍ର କବାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୧ ● ସଂଖ୍ୟା–୩୫୨ ● ୨୦ ଜାନୁଆରୀ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -31 ● Issue-352 ● 20th January 2025, Monday ● Bhubaneswar
Licensed to post without pre-payment of postage No- BN-60/25-27

# ଧାନ ବିକ୍ରି ପାଇଁ ଟୋକନ ପାଇନାହାନ୍ତି ୨୪ ଜିଲ୍ଲାର ଋଷୀ

## ଅଟକିଛି ୧୭୧୩୬ଟି ଜମିର ଫିଲ୍‌ଡ ସର୍ଭେ

ଭୁବନେଶ୍ୱର, ୧୯।୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରୀ ଅଫିସରଙ୍କ ବେପରୁଆ ମନୋଭାବ ଓ ଅବହେଳା ଯୋଗୁ ଧାନ ବିକ୍ରି ପାଇ ଅପେକ୍ଷାରତ ଋଷୀଙ୍କୁ ଏପର୍ଯ୍ୟନ୍ତ ମିଳିପାରିନି ଟୋକନ। ୧୭୧୩୬ଟି ଜମିର ସାଟେଲାଇଟ ଫଟୋଚିତ୍ର ସର୍ଭେ କାର୍ଯ୍ୟ ସରିନଥିବାରୁ ୨୪ଟି ଜିଲ୍ଲାର ସମ୍ପୃକ୍ତ ଋଷୀଙ୍କୁ ଟୋକନ ମିଳିପାରି ନଥିବା ଜଣାପଡ଼ିଛି । ତେବେ ଏତେ ପରିମାଣର ଜମିର ସାଟେଲାଇଟ ଫଟୋଚିତ୍ର ସର୍ଭେ କାର୍ଯ୍ୟ କାହିଁକି ଏପର୍ଯ୍ୟନ୍ତ ଶେଷ ହୋଇନି ସେନେଇ କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳିପାରିନାହିଁ । ଧାନ ଅମଳ କରି ରଖିଥିବା ଋଷୀ ଏପର୍ଯ୍ୟନ୍ତ ଟୋକନ ପାଇନଥିବାରୁ



କିଭଳି ନିଜ ଧାନ ବିକ୍ରି କରିବେ ତାକୁ ନେଇ ମଧ୍ୟ ଚିନ୍ତାରେ ପଡିଛନ୍ତି।

ରାଜ୍ୟ ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜାନୁଆରୀ ୧୬ ତାରିଖ ସୁଦ୍ଧା ୧୭୧୩୬ଟି ଜମିର ସାଟେଲାଇଟ ଫଟୋଚିତ୍ରର ଫିଲ୍‌ଡ ସର୍ଭେ ବାକି ରହିଛି । ଏହି ସବୁ ଜମି ୨୪ଟି ଜିଲ୍ଲାରେ ରହିଛି । ମୋଟ ୧୮୨୩୯ଟି ଜମିର ସାଟେଲାଇଟ ଫଟୋଚିତ୍ର ଯାଞ୍ଚ ଓ ଫିଲ୍‌ଡ ସର୍ଭେକୁ ଅନୁମୋଦନ ମିଳିନଥିବାରୁ ସମ୍ପୃକ୍ତ ଜମିର ମାଲିକ କିମ୍ବା ଋଷୀମାନେ ନିଜର ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଟୋକନ ପାଇନଥିବା ଜଣାପଡ଼ିଛି । କେବଳ ବରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ବାଦ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସବୁ ଜମି ରହିଥିବା ସୂଚନା ମିଳିଛି ।

ବିଭାଗର ତଥ୍ୟ ଅନୁସାରେ ମୋଟ ୧୯,୦୫,୪୯୦ଟି ଜମିର ସାଟେଲାଇଟ ଫଟୋଚିତ୍ର ମଧ୍ୟରୁ (ପୃଷ୍ଠା ୭ରେ)

# ୮ମ ବେତନ କମିଶନ : ଏହି ରାଜ୍ୟରେ ପ୍ରଥମେ ବଢ଼ିବ କର୍ମଚାରୀଙ୍କ ଦରମା

ନୂଆଦିଲ୍ଲୀ, ୧୯।୧

ଭାରତ ସରକାର ସରକାରୀ କର୍ମଚାରୀଙ୍କ ବେତନ, ଭତ୍ତା ଏବଂ ପେନସନ ସଂଶୋଧନ କରିବା ପାଇଁ ପ୍ରତି ୧୦ ବର୍ଷରେ ଏକ ବେତନ ଆୟୋଗ ଗଠନ କରନ୍ତି । ଏହି ଆୟୋଗ କର୍ମଚାରୀଙ୍କ ଆୟ ଏବଂ ଜୀବନଧାରଣ ମାନ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ସମ୍ପ୍ରତି ଅଷ୍ଟମ ବେତନ ଆୟୋଗର ଘୋଷଣା କର୍ମଚାରୀ ଏବଂ ପେନସନଭୋଗୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିବ। (ପୃଷ୍ଠା ୭ରେ)



# ଖୁବ୍‌ଶୀଘ୍ର ଆରମ୍ଭ ହେବ ମହାନଦୀ ରିଭରଫ୍ରଣ୍ଟ

## ଡିପିଆର ଅନୁମୋଦନ କଲେ ରାଜ୍ୟ ସରକାର

କଟକ, ୧୯।୧ : ନ୍ୟୁଜ୍ ବ୍ୟୁରୋ

ସାବରମତୀ ଢାଞ୍ଚାରେ ମହାନଦୀ ରିଭରଫ୍ରଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଏବେ ବାସ୍ତବ ରୂପ ନେବାକୁ ଯାଉଛି। ସମ୍ବଲପୁର ଓ କଟକରେ ମହାନଦୀ ରିଭରଫ୍ରଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ କଟକ ବାଲିଯାତ୍ରାର ଉଦ୍‌ଘାଟନୀ ସମାରୋହରେ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ହାଇଲେଭଲ କମିଟିରେ ମହାନଦୀ ରିଭରଫ୍ରଣ୍ଟ ନିର୍ମାଣ ନିମନ୍ତେ ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ଅନୁମୋଦନ ହୋଇସାରିଥିବା ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ସୂଚନା ଦେଇଛନ୍ତି।



ସୂଚନା ଅନୁସାରେ, କଟକ ବାଲିଯାତ୍ରା ତଳପଡ଼ିଆ ସଂଲଗ୍ନ (ପୃଷ୍ଠା ୭ରେ)

# ପୁଣି ଭାଇରାଲ ହେଲା ଶ୍ରୀମନ୍ଦିର ଗର୍ଭଗୃହ ଫଟୋ

ପୁରୀ, ୧୯।୧ : ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ପୁଣି ଭାଇରାଲ ହୋଇଛି। ଗରୁଡ଼ ସ୍ତମ୍ଭ ପାଖରୁ ଗର୍ଭ ଗୃହର ଫଟୋ ଏବଂ କୀର୍ତ୍ତନ ଚକଡ଼ାର ଫଟୋ ଉଠାଯାଇ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି । ବାଙ୍କେ ବିହାରୀ ଅନନ୍ତ ନାମକ ଜଣେ ଭକ୍ତ ଉଠାଇଥିବା ଫଟୋକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି ଯାହାକୁ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏହା ପୂର୍ବରୁ ବି ଶ୍ରୀମନ୍ଦିର ଏବଂ (ପୃଷ୍ଠା ୭ରେ)

# ମହାକୁମ୍ଭରେ ଭୀଷଣ ନିଆଁ : ଜଳିଗଲା ୨୫ଟି ଶିବିର

ପ୍ରୟାଗରାଜ, ୧୯।୧

ପ୍ରୟାଗରାଜଠାରେ ଋଲିଥିବା ମହାକୁମ୍ଭ ମେଳା ଅଞ୍ଚଳରେ ନିଆଁ ଲାଗିଥିବା ସୂଚନା ମିଳିଛି। ଏହି ନିଆଁ ଏତେ ଭୀଷଣ ଥିଲା ଯେ ଦୂରରୁ ନିଆଁ ଦୃଶ୍ୟମାନ ହେଉଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଏହି ଅଗ୍ନିକାଣ୍ଡ ଯୋଗୁଁ କୁମ୍ଭ ଆଖପାଖରେ ଥିବା ତମ୍ବୁ ମଧ୍ୟ କ୍ଷତିଗ୍ରସ୍ତ ହେବା ସହ ଟେଣ୍ଟରେ ରଖାଯାଇଥିବା ସିଲିଣ୍ଡର ଗୁଡ଼ିକ କ୍ରମାଗତ ଭାବେ ବିସ୍ଫୋରଣ ହୋଇଛି। ସୂଚନା ଅନୁସାରେ ୨୦ରୁ ୨୫ଟି ତମ୍ବୁ ଜଳିଯାଇଛି। ଆଖଡ଼ାଗୁଡ଼ିକର ନିକଟ ରାସ୍ତାରେ ଥିବା ଲୁହା ପୋଲ ତଳେ ଏହି ଅଗ୍ନିକାଣ୍ଡ ଘଟିଛି। ରିଲିଫ ଓ ଉଦ୍ଧାର ପାଇଁ ପ୍ରଶାସନ ତରଫରୁ କାମକୁ ତ୍ୱରାନ୍ୱିତ କରାଯିବା ସହ ସେଠାରେ ଯେପରି କେହି ଫସି ନ ରହିବେ



ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି।

ସର୍ବଶେଷ ସୂଚନା ଅନୁସାରେ ମହାକୁମ୍ଭରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରାଯାଇଛି । ଅଗ୍ନିଶମ ବାହିନୀର ଅଧା ଡଜନ ଗାଡ଼ି ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ । ସେକ୍ଟର ୧୯ ଓ ସେକ୍ଟର ୫ ସୀମାରେ ଥିବା ପୁରୁଣା ଜିଟି ରୋଡ ଛକ ନିକଟରେ ଏହି ଅଗ୍ନିକାଣ୍ଡ ଘଟିଛି । ବିବେକାନନ୍ଦ ଶିବିରରେ ପ୍ରଥମେ ନିଆଁ ଲାଗିଥିଲା। ତେବେ ଏହି ଘଟଣାରେ କେହି ମୃତାହତ ହୋଇଥିବା ସୂଚନା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ରାସନ କାର୍ଡ ହାତେଇଛନ୍ତି ୪ ଲକ୍ଷ ଆୟକରଦାତା

ଭୁବନେଶ୍ୱର, ୧୯।୧
ନ୍ୟୁଜ୍ ବ୍ୟୁରୋ

ରାସନକାର୍ଡ ତାଲିକାରେ ବଡ଼ ଧରଣର ଘୋଟାଲା ହୋଇଛି। ଆୟକରଦାତାମାନେ ମଧ୍ୟ ହିତାଧିକାରୀ ସାଜି ରାସନକାର୍ଡ ହାତେଇଛନ୍ତି । ଅଯୋଗ୍ୟ ହିତାଧିକାରୀମାନଙ୍କ ତାଲିକା ବଢ଼ିଋଲିଛି । ଇ-କେୱାଇସି କରିବା ଲାଗି ଧାର୍ଯ୍ୟ କରାଯାଇଥିବା ସମୟ ସରି ଆସୁଥିବାବେଳେ ଏପର୍ଯ୍ୟନ୍ତ ଆହୁରି ୪୧ ଲକ୍ଷ ହିତାଧିକାରୀ ବାକି ରହିଛନ୍ତି। ଯେଉଁ ହିତାଧିକାରୀ ତାଲିକାରେ ରହିଛନ୍ତି ସେମାନଙ୍କ ମଧ୍ୟରୁ ୪ ଲକ୍ଷ ଆୟକର ଭରୁଥିବା ଖୋଦ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେବାକୁ ଯାଇ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୪୧ ଲକ୍ଷ ହିତାଧିକାରୀ ଇ-କେୱାଇସି ଭରିନାହାନ୍ତି। ହେଲେ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ବାସ୍ତବରେ ରାଜ୍ୟରେ କେତେ ଅଯୋଗ୍ୟ ହିତାଧିକାରୀ ରହିଛନ୍ତି ତାହା ଇ-କେୱାଇସି ପ୍ରକ୍ରିୟା ଶେଷ ହେବା ପରେ ସ୍ପଷ୍ଟହେବ। କେତେଜଣ ଆୟକର ଭରି ମଧ୍ୟ ରାସନ କାର୍ଡ ହାତେଇଛନ୍ତି ତା'ର ତଥ୍ୟ ଆସିଛି, ହେଲେ ଫିଲ୍ଡ ଭେରିଫିକେସନ ସରିବା ପରେ ତାହା ଜଣାପଡ଼ିବ। ଯଦି ଫିଲ୍ଡ ଭେରିଫିକେସନରୁ ଜଣାପଡେ ରାସନ କାର୍ଡ ହାତେଇଥିବା ହିତାଧିକାରୀ ଆୟକର ଦେଉଥିବେ, ତେବେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ



ହେବ। ଯାହା ଦୁର୍ନୀତି ପୂର୍ବ ସରକାରରେ ହୋଇଥିଲା। ସେ କଥା ବାରମ୍ବାର କହିଲେ ସେମାନଙ୍କୁ ଖରାପ ଲାଗୁଛି। ହେଲେ ପୂର୍ବ ସରକାର ସମୟରେ ସବୁକିଛି ସମ୍ଭବ ହେଇପାରୁଥିଲା। ସେମାନେ ଯାହାକୁ ପାଇଲେ ତାକୁ ରାସନକାର୍ଡ ଦେଇଦେଉଥିଲେ ବୋଲି ମନ୍ତ୍ରୀ କହିଛନ୍ତି।


ବିଜେଡି ବିଧାୟକ ସାରଦା ଜେନା ମନ୍ତ୍ରୀଙ୍କ ତଥ୍ୟକୁ କାଉଣ୍ଟର କରିବାକୁ ଯାଇ କହିଛନ୍ତି, ଯଦି ଆଧାର କାର୍ଡ ସତ ତାହେଲେ ଭୂତକାର୍ଡ କିପରି ଆସିବ। ତେଣୁ ଯୋଗାଣ ମନ୍ତ୍ରୀ ଏବଂ ବିଜେପି ସରକାର ରାଜ୍ୟର ଲୋକମାନଙ୍କୁ ଭୁତେଇବା ଲାଗି ୬ ମାସ ହେଲା ଗରିବ ଲୋକ ଯେଉଁମାନେ ରାସନ କାର୍ଡ ପାଇବାକୁ ଯୋଗ୍ୟ ଏବଂ ଇଚ୍ଛୁକ ଅଛନ୍ତି ସେମାନଙ୍କୁ ବଞ୍ଚିତ କରିଛନ୍ତି । ଇ-କେୱାଇସି ନାଁରେ ରାଜନୀତି କରି ପ୍ରସଙ୍ଗକୁ ବାଟବଣା କରୁଥିବା ସାରଦା କହିଛନ୍ତି।

## ଏକାଳ ପଖାଳ



ଦୁଇ ଦିନ ଋଟି ଟଣାଟଣି
କଥାଟା ଯେ ନବ ଦାସ
ଯେ ଫିଙ୍ଗୁଛି ତା ଆଡେ ବଲ୍
ସେ ଫିଙ୍ଗେ ଓଲଟା ଫାସ
କିଏ ଅଟେ ବଦମାସ
ତଦନ୍ତ ହେଲେ ସବୁ ବାହାରିବ
ଜନେ ସବୁ ଫୁସୁଫାସ।

# ଚିଲିକାରେ କମିଲେ ପକ୍ଷୀ : ବିହଙ୍ଗଙ୍କୁ ଆକର୍ଷିତ କରୁଛି ହୀରାକୁଦ ଡ୍ୟାମ୍



ଭୁବନେଶ୍ୱର/ଖୋର୍ଦ୍ଧା, ୧୯।୧
ନ୍ୟୁଜ୍ ବ୍ୟୁରୋ

ମରାଳ ମାଳିନୀ ଚିଲିକାର ଜଳରାଶି ପୂର୍ବ ଭଳି ପକ୍ଷୀମାନଙ୍କୁ ଆକର୍ଷିତ କରିପାରୁ ନାହିଁ କି ? ଏଥର ହୀରାକୁଦ ଜଳଭଣ୍ଡାର ଓ ଭିତରକନିକାରେ ବିହଙ୍ଗମାନଙ୍କର ଅଧିକ ଗହଳି ପରିଲକ୍ଷିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷୀଗଣନାରୁ ଏହା ସ୍ପଷ୍ଟ ହୋଇଛି। କ୍ୟାଲେଣ୍ଡର ବର୍ଷ-୨୦୨୫ର ଶୀତକାଳୀନ ଗଣନାରେ ୨୦୦ରୁ ଅଧିକ ପ୍ରଜାତିର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀ ବିଭିନ୍ନ ଜଳାଶୟକୁ ଆସିଥିବା ସୂଚନା ମିଳିଛି । ଏଥିରୁ ଚିଲିକାରେ ସର୍ବାଧିକ ପକ୍ଷୀଙ୍କର ମେଳି ରହିଛି। ଏଠାରେ ମୋଟ ପକ୍ଷୀ ସଂଖ୍ୟା ୧୧ଲକ୍ଷ ୨୭ହଜାର ୨୨୮ ବୋଲି ଆକଳନ କରାଯାଇଛି । ଏଥିରୁ ବିଦେଶାଗତ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ ହଜାର ପକ୍ଷୀ ରହିଛି । ୮୭ ପ୍ରଜାତିରେ ୪୦ (ପୃଷ୍ଠା ୭ରେ)





# ସାଧାରଣତନ୍ତ୍ର ଦିବସ ପାଳନ ମାଧ୍ୟମରେ ଜାତୀୟତାବୋଧ ବଜାୟ ରଖାଯିବ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସଦର ମହକୁମାଠାରେ ୭୬ତମ ସାଧାରଣତନ୍ତ୍ର ଦିବସ-୨୦୨୫ ମହାସମାରୋହରେ ପାଳନ କରାଯିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ନୂତନ ଅଡିଟୋରିୟମ ଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଅତିରିକ୍ତ ଏସ୍‌ପି ଅଶ୍ୱିନୀ କୁମାର ନାୟକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଅନ୍ୟାନ୍ୟ ସଦସ୍ୟଗଣ ଯୋଗ ଦେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ମାଧ୍ୟମରେ ଏବର୍ଷ ସାଧାରଣତନ୍ତ୍ର ଦିବସକୁ ଆଡ଼ମ୍ବରରେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଉକ୍ତ ବୈଠକରେ ସାଧାରଣତନ୍ତ୍ର ଦିବସ-୨୦୨୫ ପାଳନ



ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯିବା ସହ ଏହି ଜାତୀୟ ଉତ୍ସବକୁ ସମ୍ମାନ ଓ ମର୍ଯ୍ୟାଦାର ସହିତ ଜାତୀୟତାବୋଧ ବଜାୟର ଜିଲ୍ଲାସ୍ତରୀୟ ଉତ୍ସବ ପାଳନରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ଏବଂ ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସବିଶେଷ ଆଲୋଚନା ପରେ ପୂର୍ବବର୍ଷର ସମସ୍ତ କାର୍ଯ୍ୟ ବିବରଣୀ ଦ୍ୱାରା ଏ ବର୍ଷର କାର୍ଯ୍ୟକ୍ରମମାନ ସ୍ଥିରୀକୃତ ହୋଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ରାମଧୂନ, ପ୍ରଭାତଫେରୀ ଜାତୀୟ ପତାକା ଉତ୍ତୋଳନ ଓ ମୁଖ୍ୟ ଅତିଥିଙ୍କ ଅଭିବାଦନ ଗ୍ରହଣ, ଅନୁଷ୍ଠାନ ମାନଙ୍କରେ ଫଳ-ବିସ୍କୁଟ/ମିଷ୍ଟାନ୍ନ ବଣ୍ଟନ, ରକ୍ତଦାନ ଶିବିର, ପୁଷ୍ପପ୍ରଦର୍ଶନୀ, ପ୍ରତିମୂର୍ତ୍ତି ମାଲ୍ୟାର୍ପଣ, ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍, ଚିତ୍ରକଳା ପ୍ରଦର୍ଶନୀ, ପୁରସ୍କାର ବିତରଣୀ ଉତ୍ସବ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମ ବିଷୟରେ ଜିଲ୍ଲାପାଳ ଆଲୋଚନା କରି ସମସ୍ତ ବିଭାଗୀୟ କର୍ମଚାରୀଙ୍କୁ ଯଥାରୀତି ଦାୟିତ୍ୱ ନେବା ବିଷୟରେ ଅବଗତ କରାଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆଦିରେ ବାଲେଶ୍ୱର ପାଇଁ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବ। ସାମ୍ବାଦିକତା କ୍ଷେତ୍ରରେ ଉଭୟ ଛାପା ଏଂ ବୈଦ୍ୟୁତିକ ଗଣମାଧ୍ୟମରେ ବିଶେଷ ଅବଦାନ ରଖିଥିବା ସାମ୍ବାଦିକଙ୍କୁ ପୁରସ୍କୃତ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ପରେଡ୍ ଅଭ୍ୟାସ ଆସନ୍ତା ଜାନୁଆରୀ ୨୨, ୨୩ ଓ ୨୪ତାରିଖରେ କରାଯିବ। ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ପୁରସ୍କାର ବିତରଣ କରାଯିବ। ଉକ୍ତ ବୈଠକରେ ଉପସ୍ଥିତ ସଦସ୍ୟମାନେ ଉତ୍ସାହିତ ଭାବେ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଜିଲ୍ଲାପାଳଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିବାକୁ ଘୋଷଣା କରିଥିଲେ।

# କଟକରେ ୧୫୦ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଜନସେବା ଦିବସ ଉପଲକ୍ଷେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତ୍ତା ରାଶି ବିତରଣ ସମାରୋହରେ ବର୍ଦ୍ଧିତ ଭତ୍ତା ଟ ୩୫୦୦/-ଙ୍କା, ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଏବଂ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଦର ବିଧାୟକ ଇଂ ଶ୍ରୀ ସେଠୀ କହିଲେ ଯେ ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତାକୁ ଟ ୩୫୦୦/-ଙ୍କାକୁ ବୃଦ୍ଧି କରିବା ରାଜ୍ୟ ସରକାରଙ୍କ ବୟସ୍କ ନାଗରିକ ତଥା ଦିବ୍ୟାଙ୍ଗ ବ୍ୟକ୍ତି ନାଗରିକମାନଙ୍କ ପ୍ରତି ଏକ ସମ୍ମାନଜନକ ପଦକ୍ଷେପ କଟକ ଜିଲ୍ଲାରେ ଏହି ବର୍ଗରେ ଚିହ୍ନଟ



ହୋଇଥିବା ୨୯୭୩୮ ଜଣ ନାଗରିକଙ୍କୁ ଏହି ସମ୍ମାନଜନକ ଭତ୍ତା ପ୍ରଦାନ କରାଯିବାକୁ ଥିବାବେଳେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଟ ୧୫୦ ଜଣ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତି ଏବଂ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟା ଯାଇଥିଲା। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏହି ଅବସରରେ କହିଲେ ଯେ ଜିଲ୍ଲାରେ ସମସ୍ତ ବ୍ଲକ୍‌ମାନଙ୍କରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବା ସହ ଯଥା ସମୟ ମଧ୍ୟରେ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବାର କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯିବ, ଏଥିପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ। ଏହାଦ୍ୱାରା ସେମାନଙ୍କର ଭବିଷ୍ୟତ ସୁରକ୍ଷିତ ରହିପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ମନୋଜ କୁମାର ରଥ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ପ୍ରକାଶ ଥାଉ କି ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଜନସେବା ଦିବସ ପାଳନ ଅବସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ଓୟୁଜେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ : ରାଣୀପୁର ଝରିଆଲ ପୀଠର ବିକାଶ ନେଇ ସଂକଳ୍ପ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ରାଣୀପୁର ଝରିଆଲ ଯୋଗିନୀ ପୀଠ ତଥା ସୋମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ବଲାଙ୍ଗୀର ୟୁନିଟ୍‌ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ପ୍ରଦୀପ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଉପଖଣ୍ଡ ଉପସଭାପତି ସଞ୍ଜୟ ବେହେରା ସଭା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ, ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅନିଲ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଋତୁରାଜ ସିଂ, ପୂର୍ବ ଜିଲ୍ଲା ସଭାପତି ଦୀପକ ସମ୍ବାଦ୍ଦାର, କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପଶାୟତ, ସୁବୋଧ ମେହେର, ଶରତ ମିଶ୍ର, ଜିଲ୍ଲା ଉପସଭାପତି ପ୍ରଭଜିତ ସିଂ ସାଲୁଜା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଘଟଣାରେ ଅନେକ ଅଧିକାରୀ, କର୍ମଚାରୀ ସାମିଲ ଥିବା ଭିଡିଓ ଫୁଟେଜ୍‌ରୁ ସ୍ପଷ୍ଟ ବାରି ହେଉଥିଲେ ସୁଦ୍ଧା ପୁଲିସ କେବଳ ଦୁଇ ଜଣଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଛାଡ଼ିଦେବା ଏବଂ ପରେ ଫେରାର ଦେଖାଇବା ଘଟଣାକୁ ନେଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସାମ୍ବାଦିକମାନେ ଏକତ୍ରିତ ହୋଇ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ପ୍ରସ୍ତାବ ନିଆଯାଇଛି। ସେହିପରି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାନଗଲେ ଆଗକୁ ଭୟଙ୍କର ସ୍ଥିତି ହେବା ନେଇ ମତପ୍ରକାଶ ପାଇଛି। ଏଥିସହ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ନେଇ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କୁ ଭେଟି




ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଓ ଭୋଲାନାଥ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ରାଣୀପୁର ଝରିଆଲର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏନେଇ ବିଧାୟକ ଶ୍ରୀ ବାଗ ଯୋଗିନୀ ପୀଠ ତଥା ସୋମେଶ୍ୱର ବାବାଙ୍କ ପୀଠର ବିକାଶ ନେଇ ଆଗକୁ କାମ କରିବା ମୋ ଦାୟିତ୍ୱ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ବହୁଶୀଘ୍ର ପୀଠର ବିଭିନ୍ନ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ବିକଶିତ ଭାରତ ସର୍ବଭାରତୀୟ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାରୁ ଗୋଟିଏ ଝିଅ ଭାଗ ନେଇଥିବା କଣ୍ଟାବାଞ୍ଜିର ଚଞ୍ଚଳ ବଂଶଲ୍, ଜନସେବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ପାଇଁ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି, ଓୟୁଜେ ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅନୀଲ ତ୍ରିପାଠୀ, ଜିଲ୍ଲା ସଭାପତି ବଦ୍ରି ପ୍ରସାଦ ମିଶ୍ର, ଜିଲ୍ଲା ସାଧରଣ ସମ୍ପାଦକ ଅଭୟ ତ୍ରିପାଠୀଙ୍କୁ ସ୍ୱତନ୍ତ୍ର ଭାବେ ସ୍ମୃତିଚିହ୍ନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ଓୟୁଜେର ବରିଷ୍ଠ ସଦସ୍ୟ ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡ଼ା, ନବୀନ ପଶାୟତ, ସୁରଦାସ ବାଗ, ଅଭିନାଶ ନନ୍ଦ, ଗଣେଶ ଦାସ, ଦୀପକ ଯାଦବ , ପୁଷ୍ପକେତୁ ବେହେରା, ବିଶିକେଶନ ମାଝୀ, ରଶ୍ମିରଞ୍ଜନ ପଟେଲ, ଦୀପକ ଦାଶ ଯାଦବ, ପ୍ରମୋଦ ବେହେରା, ଅଭିମନ୍ୟୁ ବହିଦାର, ତରୁଣ ବେହେରା, କଲ ମାଜା, ଶରତ ମିଶ୍ର, ଅଶୋକ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୁପ୍ତେଶ୍ୱର ପୃଷ୍ଟି, ଶଶିଧର ବାଗ୍, ତାପସ ବେହେରା, ଆଶିଷ ଖୈତାନ, ଦିଲୀପ ମେହେର, ବିଭୁ କଲ୍ୟାଣ ପ୍ରମୁଖ ଯୋଗ ଦେଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ



**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବରଦା କାନ୍ତ ମିଶ୍ର ନନ୍ଦପୁର ବ୍ଲକ ପରିଦର୍ଶନ କରି ଫେଇଛନ୍ତି। ମୁଖ୍ୟ ଚିକିତ୍ସାଧିକାରୀ ନନ୍ଦପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସାଧିକାରୀ ଡଃ ଧ୍ରୁବରାଜ ମୁର୍ମୁଙ୍କ ସହ ଆଲୋଚନା କରିବା ସହ ଅନ୍ତର ବିଭାଗ ବର୍ହିବିଭାଗ ବୁଲି ଦେଖିଥିଲେ। ଏହା ପରେ ନୂତନ ଭାବେ ନିର୍ମାଣାଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଠା ବୁଲି ଦେଖିଥିଲେ। ଏହାପରେ ବନମାଳିପୁଟ ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଫେରିଥିଲେ।

## କେ.କେ.ଆର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ଉଦ୍‌ଯାପିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବରପଦା ନିକଟସ୍ଥ କୁସୁନଗରଠାରେ ଅବସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ମହିଳା ଆତ୍ମସୁରକ୍ଷା ଶିବିର ଉଦ୍‌ଯାପନ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇ ଥିଲା। ଉକ୍ତ ସଭାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାର ଅବସର ପ୍ରାପ୍ତ ଶାରିରୀକ ଶିକ୍ଷା ଅଧିକାରୀ ଗଜେନ୍ଦ୍ର ଭାରତୀ ଯୋଗଦେଇ ସରକାରଙ୍କର ଏହି ଯୋଜନାଟି ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହାର ଉପାଦେୟତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମଟିର ପ୍ରଶିକ୍ଷଣରେ ଉତ୍ତମ ଭାବେ ପ୍ରଶିକ୍ଷିତ ଦୁଇ ଛାତ୍ରୀ କୁମାରୀ ଗାୟତ୍ରୀ ଗିରି ଓ କୁମାରୀ ପୂଜାରାଣୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନେ ଶିକ୍ଷା ଗ୍ରହଣ କରିଥିବା କୌଶଳ ଗୁଡିକୁ ଅତିଥିଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷିକା ମନୋରମା ରାଉତ ଓ କବିତା ନାୟକ ଏହି ଆଠ ଦିନ ବ୍ୟାପୀ କୌଶଳ ଗୁଡିକୁ ଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ଯୋଜନା ଅଧିକାରିଣୀ ପ୍ରତିଜ୍ଞା ପଣ୍ଡା ପରିଚାଳନା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସଭାରେ ଉପସ୍ଥିତ ରହିଥିଲେ।

# ଏମ୍‌କେସିଜିରେ ସରକାରୀ ଛୁଟି ଦିନରେ ମିଳୁନି ଏମ୍‌ଆର୍‌ଆଇ ସେବା : ରୋଗୀ ହନ୍ତସନ୍ତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ସରକାରୀ ଛୁଟି ଦିନରେ ରୋଗୀଙ୍କୁ ମିଳୁନି ଏମ୍‌ଆର୍‌ଆଇ ଭଳି ଗୁରୁତ୍ୱପୂର୍ଣ୍ଣ ସେବା। ଫଳରେ ମେଡ଼ିକାଲକୁ ଆସୁଥିବା ବହୁ ରୋଗୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରତ୍ୟେକ ଦିନ ଏମ୍‌କେସିଜି ମେଡ଼ିକାଲର ବହିର୍ବିଭାଗ ଉପରେ ୩୫ ଶହରୁ ଅଧିକ ରୋଗୀ ନିର୍ଭର କରିଥାନ୍ତି। ଏଥିସହ ଅନ୍ତର୍ବିଭାଗ ରେ ପ୍ରାୟ ୧୬ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚିକିତ୍ସା ହୋଇଥାଏ। ମେଡ଼ିକାଲକୁ ଆସୁଥିବା ରୋଗୀଙ୍କୁ ବିଭିନ୍ନ ସମୟରେ ଡାକ୍ତରମାନେ ରୋଗ ଚିହ୍ନଟ ପାଇଁ ଏମ୍‌ଆର୍‌ଆଇ ପରୀକ୍ଷା କରିବାକୁ ପରାମର୍ଶ ଦେଇଥାନ୍ତି। ଏଭଳି ପ୍ରତିଦିନ ବିଭିନ୍ନ ବିଭାଗର ପ୍ରାୟ ୩୫ ରୁ ୪୦ ରୋଗୀଙ୍କୁ ଏମ୍‌ଆର୍‌ଆଇ ପରୀକ୍ଷା କରିବାକୁ ଡାକ୍ତର ପରାମର୍ଶ କରିଥାନ୍ତି। ଗୋଟିଏ ଦିନରେ ଏତେ ସଂଖ୍ୟକ ପରୀକ୍ଷା କରିବା ନିମନ୍ତେ ଏମ୍‌କେସିଜିରେ ଭିତ୍ତିଭୂମିର ଅଭାବ ରହିଛି, ଯାହାକୁ ନେଇ ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ କିଛି ବର୍ଷ ଧରି ଏକ ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର ସହ ଚୁକ୍ତିନାମା କରିଛନ୍ତି। ଚୁକ୍ତିନାମା ଅନୁଯାୟୀ ଏମ୍‌କେସିଜି ମେଡ଼ିକାଲ୍‌କୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଉକ୍ତ ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର ରୋଗୀଙ୍କ ଏମ୍‌ଆର୍‌ଆଇ ପରୀକ୍ଷା କରିବା ସହ ରିପୋର୍ଟ ପ୍ରଦାନ କରିବା। ଏଥିପାଇଁ ମେଡ଼ିକାଲ୍ ପକ୍ଷରୁ ପ୍ରତିମାସରେ ଉକ୍ତ ଘରୋଇ ନିଦାନ କେନ୍ଦ୍ରକୁ ୧୫ ଲକ୍ଷରୁ ଅଧିକ ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ସରକାରୀ ଛୁଟି ଦିନରେ ଏମ୍‌କେସିଜି ମେଡ଼ିକାଲ୍‌ର ରୋଗୀଙ୍କୁ ଏମ୍‌ଆର୍‌ଆଇ ସେବା ଉପଲବ୍ଧ ହେଉନଥିବା ବହୁ ରୋଗୀ ଅଭିଯୋଗ କରିଛନ୍ତି । ଛୁଟିଦିନରେ ଡାଏଗ୍ନୋଷ୍ଟିକ୍ ସେଂଟରର କୌଣସି କର୍ମଚାରୀ ମେଡ଼ିକାଲ୍‌ରେ ରହୁନଥିବା ସହ ରୋଗୀଙ୍କ ଟିକେଟ୍ ସଂଗ୍ରହ ମଧ୍ୟ କରାଯାଉନାହିଁ । ଅନ୍ୟପକ୍ଷରେ ଡାକ୍ତରଖାନା ପକ୍ଷରୁ ଏମ୍‌କେସିଜି ମେଡ଼ିକାଲ୍‌ରେ ସ୍ୱଳ୍ପସଂଖ୍ୟକ ଏମ୍‌ଆରଆଇ ପରୀକ୍ଷା କରାଯାଉଥିବା ବେଳେ ସରକାରୀ ଛୁଟି ଦିନରେ ତାହା ମଧ୍ୟ ବନ୍ଦ ରହୁଥିବା ଅଭିଯୋଗ ହୋଇଛି। ଫଳରେ ଛୁଟି ଦିନରେ ରୋଗୀଙ୍କୁ ଏହି ପରୀକ୍ଷା କରିବା କଷ୍ଟକର ହେଉଛି। ମାସରେ ଏକାଧିକ ସମୟରେ ଲଗାତାର ୨ରୁ ୩ ଦିନ ଛୁଟି ରହିବା ଫଳରେ ଏହି ସମୟର ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ମଧ୍ୟ ନାହିଁ । ଫଳରେ ଏମ୍‌ଆର୍‌ଆଇ ପାଇଁ ଡାକ୍ତର ପରାମର୍ଶ ପାଇଥିବା ରୋଗୀଙ୍କୁ ପୁଣିଥରେ ଡ଼ାକ୍ତରଖାନାକୁ ଆସିବାକୁ ପଡୁଛି। ଘରୋଇ ସଂସ୍ଥା ପକ୍ଷରୁ ଗୋଟିଏ ଦିନରେ ଟିକଟ ସଂଗ୍ରହ ଓ ଆଉ ଗୋଟିଏ ଦିନରେ ଏମ୍‌ଆର୍‌ଆଇ ପରୀକ୍ଷା କରାଯାଉଥିବା ଯୋଗୁଁ ରୋଗୀଙ୍କୁ ଅଯଥାରେ ଦୌଡ଼ିବାକୁ ପଡୁଛି ଏବଂ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏନେଇ ଏମ୍‌କେସିଜି ମେଡ଼ିକାଲ୍‌ର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଛୁଟିଦିନରେ ମଧ୍ୟ ଦାୟିତ୍ୱରେ ଥିବା ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର ରୋଗୀଙ୍କ ଏମ୍‌ଆର୍‌ଆଇ ପରୀକ୍ଷା କରିବା ନିୟମ ରହିଛି । ତେବେ କାହିଁକି ପରୀକ୍ଷା ହେଉନି ସେନେଇ ସମ୍ପୃକ୍ତ ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ସମ୍ବଲପୁରରେ ଭତ୍ତା ବିତରଣ ସମାରୋହ : ଉପକୃତ ହେବେ ୮୬୬୨ ହିତାଧିକାରୀ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଜନସେବା ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋଦୟ କେନ୍ଦୁଝର ଠାରୁ ଆଭାସୀ ମାଧ୍ୟମରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ବିତରଣ ସମାରୋହରେ ଯୋଗଦାନ କରି ଏହି ସେବାକୁ ଓଡ଼ିଶାବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଥିଲେ। ଏହି ପରିପ୍ରେକ୍ଷୀରେ, ସମ୍ବଲପୁରର ତପସ୍ୱିନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ସମ୍ବଲପୁରର ବିଧାୟକ



ଜୟନାରାୟଣ ମିଶ୍ର, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରି ନାୟକ, ଜିଲ୍ଲାପାଳ, ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ), ସମ୍ବଲପୁର ମହାନଗର ନିଗମର କମିଶନର ବେଦ ଭୂଷଣ (ଆଇ.ଏ.ଏସ.), ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ, ଜିଲ୍ଲାରେ ଥିବା ବିଭିନ୍ନ ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଥିଲା। ଅନ୍ୟ କିଛି ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ସହାୟତା ରାଶି ମଧ୍ୟ ମୁଖ୍ୟ ଅତିଥି ଓ ନିମନ୍ତ୍ରିତ ଅତିଥିମାନଙ୍କ କରକମଳରେ ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୮୬୬୨ ଜଣ ୮୦ ବର୍ଷରୁ ଊର୍ଦ୍ଧ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀ ଏହି ଯୋଜନାରେ ଲାଭାନ୍ୱିତ ହେଉଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ନାଏକ ଯୋଗ ଦେଇ ନିଜ ଅଭିଭାଷଣରେ କହିଥିଲେ ଯେ ନୂତନ ସରକାରଙ୍କ ପ୍ରକୃତ ସଫଳତା ୭ ମାସ ମଧ୍ୟରେ ପରିଲକ୍ଷିତ ହେଉଛି। କାରଣ ଓଡ଼ିଶାର ଜନସାଧାରଣଙ୍କ ସେବାରେ ରାଜ୍ୟ ସରକାର ଦୃଢ଼ ପ୍ରତିଶୃତିବଦ୍ଧ। ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କର ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କର ସମାଜରେ ଅନେକ ଅବଦାନ ରହିଛି। ସେଥିପାଇଁ ସେମାନଙ୍କର ଜୀବନଶୈଳୀକୁ ଏକ ନୂତନ ଦିଗ ଦେବା ପାଇଁ ରାଜ୍ୟ ସରକାରଙ୍କର ଏହି ବର୍ଦ୍ଧିତ ଭତ୍ତା, ଏକ ପ୍ରମୁଖ ପ୍ରୟାସ ବୋଲି ନିଜ ବକ୍ତବ୍ୟରେ ଶ୍ରୀ ନାଏକ କହିଥିଲେ। ଏହି ବର୍ଦ୍ଧିତ ଭତ୍ତା ଅନର୍ଗତ ଆଗାମୀ ଦିନରେ ୩୫୦୦ ଟଙ୍କା ସହାୟତା ରାଶି ଭାବେ ରାଜ୍ୟସରକାର ପ୍ରଦାନ କରିବେ।

# ଏଫ.ଏମ୍. ବିଶ୍ୱବିଦ୍ୟାଳୟରେ ସମାଜ ସେବା ବିଭାଗର ଜାତୀୟ ସେମିନାର

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗ ଆନୁକୂଲ୍ୟରେ ଜୀବିକା ବୃଦ୍ଧି ଏବଂ ସାମାଜିକ କାର୍ଯ୍ୟ : ଗୋଷ୍ଠୀମାନଙ୍କ ସ୍ଥାୟୀ ବିକାଶ ପାଇଁ ରଣନୀତିକୁ ମୁଖ୍ୟ ପ୍ରସଙ୍ଗ ନେଇ, ରିଚ୍ ଲାଇଫ୍ସ ଅନୁଷ୍ଠାନ, ୟୁଥ୍ ଫର ସୋସିଆଲ ଡେଭେଲପମେଣ୍ଟ ଅନୁଷ୍ଠାନ, ୟୁନିପାୱାର ସ୍କୁଲ ଆଇ.ଟି ଆଣ୍ଡ ମ୍ୟାନେଜମେଣ୍ଟ ଓ ଗଣେଶ କଲେଜ ଅଫ ଏଜୁକେସନର ମିଳିତ ସହଯୋଗରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ଦୁଇଦିନିଆ ସେମିନାରର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ପୃଷ୍ଠପୋଷକତାରେ ଏହି ସେମିନାରରେ ଉଦ୍‌ଘାଟକ ଭାବେ ଭୁବନେଶ୍ୱର ସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ମୁମ୍ବାଇ ସ୍ଥିତ ଟାଟା ଇନଷ୍ଟିଚ୍ୟୁଟ



ଅଫ ସୋସିଆଲ ସାଇନ୍ସର ମୁଖ୍ୟ ପ୍ରଫେସର ବିପିନ ଯୋଯୋ, ମୁଖ୍ୟବକ୍ତା ଭାବେ ଦିଲ୍ଲୀ ସ୍ଥିତ ଭିମରାଓ ଆମ୍ବେଦକର ମହାବିଦ୍ୟାଳୟର ପ୍ରଫେସର ବିଷ୍ଣୁ ମୋହନ ଦାଶ, ସମ୍ମାନୀତ ଅତିଥି ଭାବେ ଦିଲ୍ଲୀ ସ୍ଥିତ 'ରିଚ ଲାଇଫ୍ସ' ଅନୁଷ୍ଠାନର ଜାତୀୟ ଅଧ୍ୟକ୍ଷ ଡକ୍ଟର ତାପସ ରଞ୍ଜନ ପଣ୍ଡା ଓ ପୁଣେ ସ୍ଥିତ ସିମ୍ବାୟୋସିସ ଇନ୍ଟରନ୍ୟାସନାଲ ବିଶ୍ୱବିଦ୍ୟାଳୟର, କମ୍ପ୍ୟୁଟର ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଅଦିତି ଶର୍ମା ପ୍ରମୁଖ ଯୋଗଦେଇ ଆଲୋଚ୍ୟ ମୁଖ୍ୟ ପ୍ରସଙ୍ଗକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂପର୍କରେ ଅବଗତ କରାଇ ଥିଲେ। ଶିକ୍ଷାବିତ୍, ଅଣସରକାରୀ ସାମାଜିକ-ସଂଗଠନ, ଛାତ୍ରଛାତ୍ରୀ, ଏବଂ ସମାଜ ସେବା କ୍ଷେତ୍ରରେ ଜଡ଼ିତ ବିଶେଷଜ୍ଞମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟ କୌଶଳ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା କରିବା ଏହି ସେମିନାରର ପ୍ରମୁଖ ଉଦ୍ଦେଶ୍ୟ ରଖାଯାଇଛି। ଏଥିସହିତ ସମାଜରେ ଗୋଷ୍ଠୀଙ୍କ ସ୍ଥାୟୀ ଜୀବିକା ବୃଦ୍ଧି ତଥା ସାମାଜିକ ସମାନତାକୁ ପ୍ରୋତ୍ସାହିତ କରିବା ପ୍ରୟାସ ନେଇ ଏହା ଆୟୋଜିତ ହୋଇଛି। ସାମାଜିକ ନ୍ୟାୟ ପ୍ରତିପାଦନ କରିବା ସହିତ ଅଂଶଗ୍ରହଣ କାରୀମାନଙ୍କୁ ବାସ୍ତବିକ ସମାଧାନ ଆଣିବାରେ ସହଯୋଗ କରିବା ପାଇଁ ସୁଯୋଗ ପ୍ରଦାନ କରୁଥିବାବେଳେ ଜୀବନ-ଜୀବିକାରେ ଉନ୍ନତି ପାଇଁ ଅଭିନବ ରଣନୀତି ବାଣ୍ଟିବାକୁ ସେମିନାରର ଲକ୍ଷ୍ୟ ରହିଛି। କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦ୍‌ବୋଧନରେ, ସମାଜ ସେବା ପାଠ୍ୟକ୍ରମ କେବଳ ଶ୍ରେଣୀଗୃହରେ ସୀମିତ ନ ହୋଇ, ଛାତ୍ରଛାତ୍ରୀମାନେ ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ କରି ପ୍ରକୃତ ଆବଶ୍ୟକତା ଓ ସେମାନଙ୍କ ଜୀବନଶୈଳୀର ପର୍ଯ୍ୟବେକ୍ଷଣ ସହ ସେହି କ୍ଷେତ୍ରରେ ହସ୍ତକ୍ଷେପ କରି ସାହାଯ୍ୟ ପ୍ରଦାନ କରିବା ଉଚିତ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଦୁଇଦିନରେ ପାଞ୍ଚଟି ବୈଷୟିକ ଅଧିବେଶନ ଏବଂ ଦୁଇଟି ସର୍ବଦଳୀୟ ଅଧିବେଶନରେ ଆଲୋଚନାର ବିଷୟଗୁଡ଼ିକ ଯଥା, କୃଷି ଏବଂ ଜୀବିକା, ଗୋଷ୍ଠୀ ଭିତ୍ତିକ ଜୀବିକାର ରଣନୀତି, ସ୍ଥାନାନ୍ତରଣ ଏବଂ ଜୀବିକା ସୁଯୋଗ, ସ୍ୱାସ୍ଥ୍ୟ ଏବଂ ଜୀବିକା ଅନ୍ତସଂଯୋଗ, ଜୀବିକା ସହାୟତା ପାଇଁ ନୀତିଢାଞ୍ଚା, ଜୀବିକା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଆର୍ଥିକ ସମ୍ବଳ, ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ଜୀବିକା, ସମସ୍ତ ଲିଙ୍ଗ ଅନ୍ତର୍ଭୁକ୍ତ ନୀତି, ଆଦିବାସୀ ଜୀବିକା, ଶିକ୍ଷା ଏବଂ ତାଲିମ ଇତ୍ୟାଦି ମାଧ୍ୟମରେ ସମ୍ପ୍ରଦାୟର ସ୍ଥାଣୁତା ଏବଂ ସଶକ୍ତିକରଣରେ ସାମାଜିକ କାର୍ଯ୍ୟର ଭୂମିକା ଇତ୍ୟାଦିକୁ ସ୍ଥାନିତ କରାଯାଇଛି। ଏହି ଅବସରରେ ବିଭାଗ ତରଫରୁ ଏକ ନିଉଜଲେଟର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଆବାହକ ଡକ୍ଟର ଗ୍ରେସ ବାହାଲେନ ମୁଣ୍ଡୁ ସେମିନାରର ମୂଳପ୍ରସଙ୍ଗକୁ ସଂକ୍ଷିପ୍ତରେ ବୁଝାଇ ଅତଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅର୍ଗାନାଇଜିଙ୍ଗ ସେକ୍ରେଟେରୀ ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ସୁପ୍ରିୟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଦ୍ଧିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

## ମୋହନ ସରକାରଙ୍କ ସମସ୍ତ ଘୋଷଣା ପୂରଣ ହେବ : ବିଧାୟକ



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ବଣ୍ଟନର ଶୁଭାରମ୍ଭ କରିଥିଲେ। ଜନସେବା ଦିବସ ଅବସରରେ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାରେ ୮୦ ବର୍ଷ ଓ ତଦୁର୍ଦ୍ଧ ବୟସ୍କ ଏବଂ ୮୦% ଓ ତଦୁର୍ଦ୍ଧ ଦିବ୍ୟାଙ୍ଗ ମାନଙ୍କ ଭତ୍ତା ୧୨୦୦ ରୁ ୩୫୦୦କୁ ବୃଦ୍ଧି କରିଛନ୍ତି। ରାଜ୍ୟସ୍ତର ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଆୟୋଜିତ ସଭାରେ ସମ୍ମାନିତ ଅତିଥି ନଗରପାଳ ବରିୟାମ ସିଂ ସାଲୁଜା, କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ସମ୍ମାନିତ ଅତିଥ ଭାବେ ମଞ୍ଚାସୀନ ଥିଲେ। ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋସ୍ନାମୟୀ ବାରିକ, ବିକାଶ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପୌଷ ପୂର୍ଣ୍ଣିମାରେ ମା' ଶାକମ୍ଭରୀଙ୍କ ଜନ୍ମୋତ୍ସବ ପାଳିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ପୌଷ ପୂର୍ଣ୍ଣିମାରେ ମା' ଶାକମ୍ଭରୀଙ୍କ ଜନ୍ମୋତ୍ସବ ସ୍ଥାନୀୟ ଟାଉନହଲ ଠାରେ ପାଳିତ ହୋଇଯାଇଛି। ଶାକମ୍ଭରୀ ପରିବାର ପକ୍ଷରୁ ଆୟୋଜିତ ଜୟନ୍ତି ଉତ୍ସବରେ ବୌଦ୍ଧ ସହର ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ସପରିବାର ସାମିଲ ହୋଇଥିଲେ। ମା' ଶାକମ୍ଭରୀଙ୍କ ସ୍ୱତନ୍ତ୍ର ବେଶ କରାଯିବା ପରେ ପୂଜା ହୋମ ଆୟୋଜିତ ହୋଇଥିଲା। ପରେ ମା'ଙ୍କ ମଙ୍ଗଳପାଠ ଆୟୋଜିତ ହୋଇଥିଲା। ମଙ୍ଗଳପାଠରେ ସୁପ୍ରସିଦ୍ଧ ଗାୟକ ଶ୍ରୀକୃଷ୍ଣ ପ୍ରଧାନ ଯୋଗ ଦେଇ ମାଁଙ୍କ ମହିମାର ଗୁଣଗାନ କରିଥିଲେ। ଶେଷରେ ଆୟୋଜିତ ଭଣ୍ଡାରାରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ଶ୍ରୀ ଶାକମ୍ଭରୀ ପରିବାରର ରାଧେଶ୍ୟାମ କେଡିଆ, ରାଜକୁମାର ଅଗ୍ରୱାଲା, ସତ୍ୟ ନାରାୟଣ ଅଗ୍ରୱାଲା ପ୍ରମୁଖ କାର୍ଯ୍ୟକ୍ରମ ସବୁ ପରିଚାଳନା କରିଥିଲେ।

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୦ ଜାନୁଆରୀ ୨୦୨୫ ସୋମବାର





# ସୋଆ ସିଇସିର ନିର୍ଦ୍ଦେଶକ ଜାତୀୟ ସ୍ତରରେ ସମ୍ମାନିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି)ର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁଙ୍କୁ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ-ଡିଜାଷ୍ଟର ରିସ୍କ ରିଡକ୍ସନ୍ (ଡବ୍ଲ୍ୟୁସିଡିଏମ୍-ଡିଆରଆର) ଅବସରରେ ସମ୍ମାନିତ କରାଯାଇଛି। ପୂର୍ବରୁ ଭୁବନେଶ୍ୱର ଭାରତୀୟ ପାଣିପାଗ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିବା ଡକ୍ଟର ସାହୁ ଏହି ସମ୍ମାନ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲଙ୍କ ଠାରୁ ଗ୍ରହଣ କରିଥିଲେ। ବିପର୍ଯ୍ୟୟ ପ୍ରସ୍ତୁତି ବର୍ଗରେ ଡକ୍ଟର ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଓ୍ୱେଦର ରିସର୍ଚ୍ଚ ଫୋରକାଷ୍ଟିଂ ତଥା ପୃଥିବୀର ଅନ୍ୟାନ୍ୟ ମଡେଲର ସାହାଯ୍ୟ ନେଇ ସିଇସି ପକ୍ଷରୁ ପାଣିପାଗର ଅଗ୍ରୀମ ସୂଚନା ପ୍ରସ୍ତୁତ କରି ବ୍ୟବହାରକାରୀ ମାନଙ୍କୁ ଯୋଗାଇ ଦିଆଯାଇଥାଏ। ଏହାଛଡ଼ା ଏହି କେନ୍ଦ୍ର ପୁନେସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟିଓରୋଲଜି, ଆମେରିକାର ଆର୍ଥ ନେଟଓ୍ୱର୍କ ଓ ହାଇଦ୍ରାବାଦ ସ୍ଥିତ ନ୍ୟାସ୍‌ନାଲ୍ ରିମୋଟ ସେନ୍‌ସିଂ ସେଂଟର ଦ୍ୱାରା ଉପଲବ୍ଧ ଝଡ଼ବାତ୍ୟା ଓ ବଜ୍ରପାତ ସଂକ୍ରାନ୍ତିୟ ପୂର୍ବ ସୂଚନା ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ପ୍ରସାରିତ କରିଥାଏ। ଏହି କାର୍ଯ୍ୟକ୍ରମରେ ଜାମ୍ମୁ କାଶ୍ମୀରର ପୂର୍ବତନ ମୁଖ୍ୟ ବିଚାରପତି ଏମ୍. ଏମ୍. କୁମାର ଓ ଡିଜାଷ୍ଟର ମ୍ୟାନେଜମେଣ୍ଟ ଇନିସିଏଟିଭ୍‌ସ ଆଣ୍ଡ କନ୍‌ଭର୍ଜେନ୍ସ ସୋସାଇଟି-ୱାର୍ଲ୍ଡ କଂଗ୍ରେସ ଅନ୍ ଡିଜାଷ୍ଟର ମ୍ୟାନେଜମେଂଟର ସଭାପତି ତଥା ଆବାହକ ଡକ୍ଟର ଏସ୍. ଆନନ୍ଦ ବାବୁ ଉପସ୍ଥିତ ଥିଲେ।

## ଜଗତସିଂହପୁର ଜିଲ୍ଲାରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

# ଚାଷୀମାନେ ସଠିକ୍ ଭାବେ ଧାନ ବିକ୍ରି କରିବେ ସେ ଦିଗରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀଙ୍କ ପରାମର୍ଶ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଶାଇଲୋ ଠାରେ ୨୦୨୪-୨୫ ବର୍ଷ ନିମନ୍ତେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନିୟନ୍ତ୍ରିତ ବଜାର କମିଟି ରାହାମା ପକ୍ଷରୁ ଜିଲ୍ଲାରେ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି। ଜିଲ୍ଲାରେ ୧୦୬ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଏହି ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ ଯେ ,ଚଳିତ ବର୍ଷ ଚାଷୀ ମାନଙ୍କ ଠାରୁ ସୁବ୍ୟବସ୍ଥିତ, ସ୍ୱଚ୍ଛ ଓ



ସହଜରେ ଧାନ କିଣା ହେବ। ଚାଷୀମାନେ ଯେପରି ସଠିକ୍ ଭାବେ ଧାନ ବିକ୍ରି କରିବେ ସେଦିଗରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସରକାରୀ ଅଧିକାରୀ ଏବଂ ନୋଡାଲ ଅଫିସର ଚାଷୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ କହିଥିଲେ। ଚାଷୀ ଭାଇ ମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସବୁ ମଣ୍ଡିରେ ସି ସି ଟି ଭି ର ବ୍ୟବସ୍ଥା ଏବଂ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ଚାଷୀ ଭାଇ ମାନଙ୍କ ଆକାଉଣ୍ଟକୁ ଟଙ୍କା ଆସିଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଜେ ସୋନାଲ କହିଲେ ଯେ ପ୍ରତି ମଣ୍ଡିରେ ଧାନ କ୍ରୟ କରିବା ପାଇଁ ଜଣେ ଜଣେ ନୋଡାଲ ଅଫିସର ଙ୍କୁ ନିୟୋଜିତ କରାଯାଇଛି ଏବଂ ଧାନ ବିକ୍ରୟ କରିବାରେ କୌଣସି ଅସୁବିଧା ହେଉଥିଲେ ଟୋଲ ଫ୍ରି ନମ୍ବର ୧୯୬୭ କୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ପାରାଦ୍ୱୀପର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଯୋଗାଣ ଅଧିକାରୀ ଶ୍ରୀମତୀ ସୁଜାତା ମିଶ୍ର କହିଲେ ଚାଷୀ ମାନେ ସେମାନଙ୍କର ଧାନ ସୁଲଭ ମୂଲ୍ୟରେ ବିକ୍ରୟ କରିପାରିବେ।ଚାଷୀ ଭାଇ ମାନେ ଶୃଙ୍ଖଳା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ୍ ସହାୟକ ମୂଲ୍ୟରେ ପାଆନ୍ତୁ। ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୦୦ ଟଙ୍କା ଓ ଗ୍ରେଡ ଏ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୨୦ ଟଙ୍କା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି ଏବଂ ଚାଷୀ ମାନେ ଧାନ ସଂଗ୍ରହ କେନ୍ଦ୍ରରେ ସକାଳ ୭ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ମଧ୍ୟରେ ଧାନ ପହଞ୍ଚାଇବେ। ଏହି ବୈଠକରେ ଏଆରସିଏସ୍ ପ୍ରଭାତ ଚନ୍ଦ୍ର ଶତପଥୀ, ଯୋଗାଣ ବିଭାଗ କର୍ମକର୍ତ୍ତା, ମଣ୍ଡିର ସେକ୍ରେଟାରୀ, ଚାଷୀ, ମିଲର ଓ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜି ରେଞ୍ଜରେ ୯ ଟିକିଆ ହାତୀପଲ

**କଣ୍ଟାବାଞ୍ଜି , ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଞ୍ଜରେ ୯ ଟିକିଆ ହାତୀପଲ ଦେଖିବାକୁ ମିଳିଛି। ହାତୀ ମାନେ ଏ ଜଙ୍ଗଲରୁ ସେ ଜଙ୍ଗଲ ଘୁରି ବୁଲୁଛନ୍ତି। ଆଜି ଏହି ହାତୀ ମାନଙ୍କୁ ଢୋଲମାନ୍ଦଲ ଗାଁ ପାଖ ଜଙ୍ଗଲରେ ଦେଖିବାକୁ ମିଳିଛି। ବନ ବିଭାଗ ହାତୀ ଘଉଡାଇବାର ଉଦ୍ୟମ ଜାରି ରଖିଛି। ଏହି ହାତୀ ପଲ କିଛି ଦିନ ପୂର୍ବରୁ ମୁରିବାହାଲ ରେଞ୍ଜର ଅନେକ ଗାଁରେ କ୍ଷୟ କ୍ଷତି କରିଥିବା ବେଳା ବଙ୍ଗୋମୁଣ୍ଡା ରେଞ୍ଜର ଅନେକ ଗାଁରେ କ୍ଷୟ କ୍ଷତି କରିଛି। ହାତୀ ବଙ୍ଗୋମୁଣ୍ଡା ରେଞ୍ଜ ଛାଡି ଏବେ କଣ୍ଟାବାଞ୍ଜି ରେଞ୍ଜ ପହଞ୍ଚିଛି। ତେବେ ଏନେଇ ଆମେ ବଲାଙ୍ଗିର ଡିଏଫ୍‌ଓ ସୁଦର୍ଶନ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ହାତୀ ଯାହାର କ୍ଷୟ କ୍ଷତି କରିଛି ତାକୁ କେମିତି କ୍ଷତି ପୂରଣ ଦିଆଯିବ ସେ ଉପରେ ପଦକ୍ଷେପ ନେବା ସହ ଲୋକେ କେମିତି ସୁରକ୍ଷିତ ରହୁ ଏବଂ ହାତୀ ମଧ୍ୟ ସୁରକ୍ଷିତ ରହୁ ସେ ଉପରେ ବନ ବିଭାଗ ଧ୍ୟାନ ଦେଇଥିବା କହିଛନ୍ତି।

## ସଡ଼କ ଦୁର୍ଘଟଣାରେ ବାଇକ ଚାଳକ ମୃତ

**ନନ୍ଦପୁର, ନ୍ୟୁଜ ବ୍ୟୁରୋ**

ନନ୍ଦପୁର ଥାନା ଅଧୀନ ଗାଦିଆଝୋଲା ଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଉମ୍ବେଲ ପଞ୍ଚାୟତ ଅନ୍ତର୍ଗତ ହିଙ୍ଗୋଇପୁଟ ଗ୍ରାମର ଗୋପାଳ ପ୍ରଧାନୀ ବୋଲି ଜଣା ପଡିଛି। ସେ ବାଇକ ଯୋଗେ ଗାଁ କୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସୂଚନା ପାଇ ନନ୍ଦପୁର ପୁଲିସ ଘଟଣା ସ୍ଥଳ ରେ ପହଞ୍ଚି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଜଣା ପଡ଼ିଛି।

## ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳ କରଙ୍କ ଦେହାନ୍ତ



**କଟକ, ନ୍ୟୁଜ ବ୍ୟୁରୋ**

ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କର ରବିବାର ସକାଳ ୧୦ ଘଟିକାରେ ପୁରୀଘାଟ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା । ଡାକ୍ତର କର ଓଡ଼ିଶା ସରକାରଙ୍କ ଅଧୀନରେ ସ୍ୱାସ୍ଥ୍ୟ ଓ ତାଲିମ ନିର୍ଦ୍ଦେଶକ (ଡିଏମଇଟି) ଭାବେ କାର୍ଯ୍ୟ କରିଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପ୍ରିନ୍‌ସପାଲ ଓ ମାନସିକରୋଗ ବିଭାଗର ଏଚଓଡି ଭାବେ ରହି ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ସେ ଜଣେ ଭାରତର ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଓ ଏକାଧାରରେ ସୁଲେଖକ, ଆଇନଜୀବୀ, ସୁବକ୍ତା, ରାଜନୀତିଜ୍ଞ, ବିଶିଷ୍ଟ ରୋଟାରିଆନ, କଟକ କ୍ଲବର ଆଜୀବନ ସଦସ୍ୟ ଥିଲେ । ସେ ପ୍ରଥମ ଓଡ଼ିଆ ଭାବେ ଭାରତୀୟ ଚିକିତ୍ସକ ସଂଘର ସଭାପତି କାର୍ଯ୍ୟ ତୁଲାଇ ପାରିଛନ୍ତି । ସମାଜକଲ୍ୟାଣ ଓ ବିଭିନ୍ନ ସେବାପାଇଁ ସେ ବହୁ ପୁରସ୍କାର ପାଇଛନ୍ତି । ୧୯୯୮ ମସିହାରେ ସେ ସମାଜସେବା ପାଇଁ ଡକ୍ଟର ହରେକୃଷ୍ଣ ମହତାବ ବିଷୁବ ପୁରସ୍କାରରେ ପୁରସ୍କୃତ । ଚିକିତ୍ସା କ୍ଷେତ୍ରରେ ଭାରତର ସର୍ବୋଚ୍ଚ ସମ୍ମାନ ଡିଏଲଏନ ମୂର୍ତ୍ତିରାଓ ଆୱାର୍ଡ ଓ ଏ.ପି. ବର୍ମା ଆରେସନ ଆୱାର୍ଡ ଅନ୍ୟତମ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଯାଇଛି । ମୃତ୍ୟୁ ବେଳକୁ ପାଖରେ ସହଧର୍ମିଣୀ ଡକ୍ଟର ଗାୟତ୍ରୀ ଦେବୀ, ପୁତ୍ର-ଇଂ. ସୌମେନ୍ଦ୍ର କର, ଆଡଭୋକେଟ ସମ୍ବିତ କର, ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ସମ୍ରାଟ କର, ପୁତ୍ରବଧୂ-ନୀତି କର, ଶୈଳବାଳା କର, ଡାକ୍ତର ଶୁଭଶ୍ରୀ ମିଶ୍ର ଓ ନାତି ନାତୁଣୀ, ଆତ୍ମୀୟ ସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ଭରତପୁର ପ୍ୟାକ୍ସର ଗୋଦାମ ଗୃହ ପାଇଁ ସ୍ଥାନ ପରିଦର୍ଶନ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର କୃଷି ସମବାୟ ସମିତିର ଦୀର୍ଘ ବର୍ଷ ହେଲା ଗୋଦାମ ଗୃହ ନଥିବାରୁ ସଂପାଦକ ସୁବୋଧ କୁମାର ଲେଙ୍କା ଓ ସଭାପତି ବସନ୍ତ କୁମାର ରାଉତ, ଉପ ସଭାପତି ମମତା ଜେନା, ନିର୍ଦ୍ଦେଶକ ସାରଦା ପ୍ରସନ୍ନ ରାଉତ, ଅକ୍ଷୟ କୁମାର ମନ୍ତ୍ରୀ ପ୍ରମୁଖ ଦାବି କରି ଆସୁଛନ୍ତି । ପ୍ୟାକ୍ସରେ ଗୋଦାମ ଗୃହର ନିଜସ୍ୱ ଜାଗା ନଥିବାରୁ ଅନେକ ସମୟରେ ଧାନ ବିହନ, ସାର ଆଦି ରଖିବାରେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଓ ତହସିଲଦାର ତାପସ ରଂନ ଦେହୁରୀ ପ୍ୟାକ୍ସ ନିକଟରେ ଥିବା ସରକାରୀ ଜାଗା ପରିଦର୍ଶନ କରି ଗୋଦାମ ଗୃହ କରିବା ପାଇଁ ଜାଗା ହସ୍ତାନ୍ତର କରିବାକୁ ସଭାପତି ନିର୍ଦ୍ଦେଶକ ମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି । ଅଲୋଚନା ସମୟରେ ଅଗସ୍ତି ସେଣ, ଶ୍ରୀଧର ସାମଲ, କିଶୋର ଚନ୍ଦ୍ର ଜେନା, ବିଶ୍ୱଜିତ ସାମଲ, ମନୋରମା ସ୍ୱାଇଁ, ଅର୍ଚ୍ଚନା ନାୟକ, ତୁଳସୀ ସେଠୀ, ତାପସ ପ୍ରସାଦ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

# ପୋଲିସ ବ୍ୟାଣ୍ଡ ଓ ପରେଡ଼ ସହ ୪୩ ଦଳ ଅଂଶ ଗ୍ରହଣ କରିବେ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ୭୬ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରାଯିବ। ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ । ସକାଳ ଘ୦୭ଣ୍ଟା ସମୟରେ ସହରର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ । ସକାଳ ଘଂ୦୭-୩୦ମି ସମୟରେ ସମସ୍ତ ସରକାରୀ,




ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ସକାଳ ଘଂ୦୮. ୩୦ ମିନିଟ ସମୟରେ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ସହ ୪୩ ଗୋଟି ଦଳ ଅଂଶ ଗ୍ରହଣ କରିବେ। ପ୍ୟାରେଡ଼ ପଡିଆରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଭିନ୍ନ ବିଭାଗ ନିଜ ବିଭାଗର ସଫଳତା ଓ ଜନ କଲ୍ୟାଣ ଯୋଜନା ଶୀର୍ଷକ ଉପରେ ସମ୍ବଳିତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସମ୍ମିଳିତ ପ୍ୟାରେଡ଼ରେ ଅଂଶଗ୍ରହଣ କରିବେ । ବିଭିନ୍ନ ବିଭାଗର କର୍ମଚାରୀ ତଥା ସଂସ୍ଥା ମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରାଯିବ । ସେମାନଙ୍କୁ ସମ୍ପୃକ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ମନୋନୀତ କରିବେ। ଦିବସ ଅବସରରେ ମୁଖ୍ୟ ଅତିଥି ସ୍ଥାନୀୟ କୁଷ୍ଠା ଶ୍ରମ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା, ଜିଲ୍ଲା ଶିଶୁ ଗୃହ, ଜିଲ୍ଲା କାରାଗାର ଓ ଭିନ୍ନକ୍ଷମ ବିଦ୍ୟାଳୟ ପାଣିସିଆଳି ପରିଦର୍ଶନ ସହ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ଦିନ ସନ୍ଧ୍ୟା ୦୬ ଘଣ୍ଟା ସମୟରେ ନୂତନ ଟାଉନ ହଲଠାରେ ଆୟୋଜିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ, ବ୍ଲକ ସ୍ତରରେ ମଧ୍ୟ ସମାରୋହ ଅନୁଷ୍ଠିତ ହେବ। ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ,ଜାତୀୟତା ବୋଧକ ସଙ୍ଗୀତ ଆବୃତ୍ତି, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅଧ୍ୟକ୍ଷ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଛି । ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପଲ୍ଲବୀ ରାଣୀ ରାଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ, ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ, ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟକ୍ଷ /ଅଧ୍ୟକ୍ଷା, ବିଭିନ୍ନ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ସବ ଉତ୍ତର ଓଡ଼ିଶା ପାଇଁ ପ୍ରସ୍ତୁତି ବୈଠକ

# ଚାରି ଜିଲ୍ଲାକୁ ଏକ ସୂତ୍ରରେ ବାନ୍ଧିବାର ନିଆରା ପରମ୍ପରାର ପ୍ରୟାସ




**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର , ମୟୁରଭଞ୍ଜ, ବାଲେଶ୍ୱର ଓ ବାରିପଦା ଜିଲ୍ଲାର କଳା ଐତିହ୍ୟ ସଂସ୍କୃତି, ପରମ୍ପରାକୁ ଉଦଜୀବିତ କରିବା ତଥା ବିକାଶ କରିବା ଲକ୍ଷରେ ଆସନ୍ତା ଜାନୁଆରୀ ୩୧ରୁ ଫେବୃଆରୀ ୪ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଉତ୍ସବ ଉତ୍ତର ଓଡିଶା କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କେନ୍ଦୁଝର ରୋଟାରୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଉତ୍ତର ଓଡିଶା ସଂଯୋଜକ ସଞ୍ଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବକୁ ସରସ ସୁନ୍ଦର ଓ ଚିତାକର୍ଷକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଚାରି ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ତଥା ଆଗାମୀ ଦିନର ପାରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଚୟନ କରାଯାଇ ଏହି ଉତ୍ସବରେ ବିଶେଷ ଭାବେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଦଳ ମତ ନିର୍ବିଶେଷରେ କୌଣସି ରାଜନୈତିକ ଚିନ୍ତାଧାରରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଚାରି ଜିଲାର ବିଭିନ୍ନ କଳାକାରଙ୍କ କଳା ପ୍ରଦର୍ଶନ ସହିତ ଓଲିଉଡ ନାଇଟ ଓ ବଲିଉଡ ନାଇଟ କରାଯିବା ବିଷୟରେ ସୂଚନା ଦିଆଯାଇଥିଲା। ଏହା ସହିତ କେନ୍ଦୁଝରର ଆଦିବାସୀ ନୃତ୍ୟ, ମୟୁରଭଞ୍ଜର ଛଉ, କେନ୍ଦୁଝରର ବଡ଼ି, ଭଦ୍ରଖର ପାଳୁଅ ଲଡୁ ଆଦି ଷ୍ଟଲ ମାନଙ୍କରେ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରୋଟାରୀ କ୍ଲବ ସମ୍ପାଦକ ଦୀପକ ନାୟକ, ସଂଗ୍ରାମ ଦାସ, ପ୍ରଫୁଲ୍ଲ କୁମାର ସାହୁ,ଡାକ୍ତର ସଞ୍ଜୀବ କୁମାର ଓଝା, ସୁଧାଂଶୁ ଶେଖର ପଟ୍ଟନାୟକ, ଆଲୋକ ମିଶ୍ର, ଆଇନଜୀବୀ ମୋହନ ପରିଡା, ଶିକ୍ଷାବିତ ରାଜେନ୍ଦ୍ର ପଲେଇ, ନୃତ୍ୟଗୁରୁ ଗୁରୁ ଦାସ, ସୁନେଶ ଧୀର, ସାମ୍ବାଦିକ ଦିଲ୍ଲୀପ ସାହୁ, ସତ୍ୟଜିତ ସାମନ୍ତରାୟ, ସୁକୁମାର ପାଣିଗ୍ରାହୀ, ସରୋଜ ମାହାନା, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଶୁଭମ ରାଜ, ସୁଢଳ ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୦।୧।୨୦୨୫, ମାଘ ଦି୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୨୪।୪୩** **ଚନ୍ଦ୍ରୋଦୟ- ରାଘ ୧୧।୦୪।୫୭**


**ଷଷ୍ଠୀ-** ଦିଘ ୯।୫୯ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ରାଘ ୮।୩୦ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୯।୫୯ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୦ ମଧ୍ୟେ । ଦିଘ ୧୦।୫୧ ଗତେ ଘ ୧।୦୩ ମଧ୍ୟେ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚଳତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।




**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚଳତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।




**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।




**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ୧୫୦ଫୁଟ ତଳକୁ ଖସିଲା ଜିପ୍

**କୋରାପୁଟ, ନ୍ୟୁଜ ବ୍ୟୁରୋ**

୧୫୦ଫୁଟ ତଳକୁ ଖସିଲା ଜିପ୍। ଗୁରୁତର ଆହତ ହୋଇଛନ୍ତି ଦୁଇ ଜଣ ପର୍ଯ୍ୟଟକ। ଏହି ଦୁର୍ଘଟଣା ଘଟିଛି କୋରାପୁଟ ଜିଲ୍ଲା ଡୁଡୁମା ଜଳପ୍ରପାତ ନିକଟରେ। ଗୁରୁତର ଆହତ ପର୍ଯ୍ୟଟକ ଦ୍ୱୟ ହେଉଛନ୍ତି ପରଜିତ ଦାସ ଓ ସୁନେନ୍ଦୁ ସାହୁ। ଉଭୟ ବାଲେଶ୍ୱରର ବୋଲି ଜଣାପଡ଼ିଛି। ଏହି ଦୁଇ ଜଣ ଡୁଡୁମା ଜଳପ୍ରପାତ ବୁଲିବାକୁ ଯାଉଥିଲେ। ତେବେ ଡୁଡୁମା ଜଳପ୍ରପାତ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୧୫୦ ଫୁଟ୍ ତଳକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଅନକାଡେଲି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସେମାନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତା'ପରେ ସେମାନଙ୍କୁ ଜୟପୁରକୁ ସ୍ଥାନାନ୍ତର କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁଇ ଜଣଙ୍କ ମଧ୍ୟରୁ ଯିଏ ଗାଡ଼ି ଚଳାଉଥିଲେ ତାଙ୍କ ଆଖି ଲାଗି ଯାଇଥିଲା। ତେଣୁ ଏହି ଦୁର୍ଘଟଣା ଘଟିଥିଲା।

ସମ୍ପାଦକୀୟ

30 YEARS ସମ୍ବାଦ କଳିକା

# ଡିଜିଟାଲ ଠକେଇରେ ୩୦୦% ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର
ନିଷ୍ଠେହେବ ପାରି (୧୭୭)

(କ୍ରମଶଃ)

# ମଳିମୁଣ୍ଡିଆ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କଟକ ନଗର, ଧବଳ ଟଗର, ଗଗନରେ ଘର - ଏସବୁ ମଧୁବର୍ଣ୍ଣବୋଧର ପାଠ। ବଡ଼ ବଡ଼ କୋଠାବାଡ଼ି, ଗାଡ଼ି ମଟର, ଏମିତି ଅନେକ କଥା କଟକରେ। ଦିନେ କଟକ ଥିଲା ଓଡ଼ିଶାର ରାଜଧାନୀ, ଏଠାକା ବାସିନ୍ଦା ଧୋବଧାଉଳିଆ ବାବୁ, କାହିଁ କେତେ ଇଂରେଜ ପାଠ ପଢ଼ିଛନ୍ତି, ବିଦେଶୀ ପୋଷାକ, ମୁଣ୍ଡରେ ଟୋପି, ପାଦରେ ଫୁଲ ଜୋତା; ଉକ୍ତ ନଗର ଦେଖିବା ମୋହ କାହାର ବା ନଥିଲା? ଯିଏ ନ ଦେଖିଥିଲା, ଝୁରି ହେଉଥିଲା। କଟକ ନଗର ଠୁଁ ଅଠରକୋଶ ଦୂର, ସେଇ ମଫସଲିଆ ଗାଁ, ନାହିଁ ବିଜୁଳୀବତି, ଗାଁକୁ ରାସ୍ତା। ଗାଡ଼ି ମଟର କଥା ବା କାହୁଁ ଉଠିବ? ସେଇଠି ମଫସଲିଆଙ୍କ ହସ ଖୁସିର ସଂସାର, କିଛି ଅଭାବ ନାହିଁ। କ୍ଷେତରେ ମା' ଲକ୍ଷ୍ମୀ, ଆଷାଢ଼ ଆସିଲେ ରୁଆ ବେଉଷଣ ଚାଲେ, ମଗୁଶିରରେ ଘର ଭର୍ତ୍ତି, ମରେଇ ମରେଇ ଧାନ, ଓଳିଆ ଓଳିଆ ବିରି କୋଳଥ, ଘରେ ଦୁହାଁଳିଆ ଗାଈ, ଦୁଧ, ଦହି, ଛେନା - କିଛି ଅଭାବ ନାହିଁ। ଗୋସମ୍ପଦ, କୃଷିଜାତ ଦ୍ରବ୍ୟ, ସେଇ ଗାଈଁଲିମାନଙ୍କୁ ସ୍ୱାବଲମ୍ବୀ କରିଛି। ହେଲେ ଅଭାବ ଗୋଟିକରେ। ଇଂରେଜଙ୍କ ପାଠ ପଢ଼ିବାକୁ ଏମାନଙ୍କୁ ଢେର୍ ଦିନ ଲାଗିଗଲା। ଯେଉଁମାନେ ପଢ଼ିଲେ, ଚାକିରି କଲେ ସହରରେ। ସେମାନେ ନିଜକୁ ଅଲଗା ମଣିଲେ। ଯେଉଁମାନେ ଗାଁକୁ ଆଦରି ରହିଲେ, ସେମାନେ ପଛରେ ରହିଗଲେ। ଇଂରାଜୀ ପଢ଼ିନାହାନ୍ତି, ପାଠୁଆଙ୍କ ଆଖିରେ ଏମାନେ ମୂର୍ଖ, ମଳିମୁଣ୍ଡିଆ। ସେଇ ତଥା କଥିତ ମଳିମୁଣ୍ଡିଆଙ୍କୁ ଭୁଆଁ ବୁଲାନ୍ତି, ପାଠୁଆ ବାବୁମାନେ। ସୁଦୂର ମଫସଲର ତିନିଜଣ ସାଧାରଣ ମଣିଷ, ଯାଇଥିଲେ ପ୍ରଦର୍ଶନୀକୁ। ସାଥିରେ ଥିଲେ ଗୋଧନ, ପଲ୍ଲୀର କୃଷିଦ୍ରବ୍ୟ। ତାଙ୍କୁ ପୁରସ୍କାର ମିଳିବ - ଏକଥା କୁହାଯାଇଥିଲା; କିନ୍ତୁ ସେମାନେ ଫେରିଲେ ଖାଲିହାତରେ। ଆଖିରେ ଆଖିଏ ଲୁହ, ମନରେ କୋହ। ଗାଈ ବାଛୁରୀ ପାଇଁ ଦାନା ମାଗିଲେ ଜଣେ ବାବୁଙ୍କୁ। କହିଲା ସେ ବାବୁ ସବୁ, ତାଙ୍କୁ କୁହ। ସେ କହନ୍ତି ଆର ବାବୁଙ୍କୁ କୁହ। କାହାକୁ ବା କହିବେ? ଶୁଣିବ ବା କିଏ? ଶେଷରେ ମନକୁ ବୁଝେଇ ଦେଲେ - ଆମେ 'ମଳିମୁଣ୍ଡିଆ'। ଏବେ ସଭ୍ୟତା ନାଁରେ ସବୁ ଆଡ଼େ ଜାଲିଆତି, ଶୋଷଣ, ଠକେଇ। ଏହାର ଶିକାର ହୁଅନ୍ତି ଏଇ ମଳିମୁଣ୍ଡିଆମାନେ। ସେଇମାନଙ୍କ ଜୀବନର ଗୋଟେ ଦୁଃଖଦ କାହାଣୀକୁ ନେଇ ଗପଟିଏ, ଶିରୋନାମା 'ବଉଳି'। ସ୍ରଷ୍ଟା ରାଜକିଶୋର ରାୟ।

ଦଫାଦାର ଭଜନି ପ୍ରଧାନ। ନିତି ଦଶଟା ମୋକଦମାର ଫନ୍ଦି, ତା' ସହ ମିମାଂସାର ବୋଝ, ଏ ସବୁ ତାଙ୍କୁ ଓଜନିଆ କରି ଦେଇଛି। ତାଙ୍କ ଧରମଝିଅ ସରସୀ। ଝିଅଧନ ଖାଇବାକୁ ତାଙ୍କର ଆଶା। ସରସୀର ବାଡ଼ି ବାଇଗଣ, ଉଜଳା ଗାଈର କ୍ଷୀର, ପଟନୀର ଲହୁଣି, ସବୁଥିରେ ତାଙ୍କ ମନ। ଏତିକିରେ କଥା ସରିନି, ସେ ଶୋଷଣର ନୂଆ ଫନ୍ଦିଟିଏ କାଢ଼ିଲେ, ଝିଅକୁ କହିଲେ- "ସର! କଟକ ସହରରେ ଗାଈଗୋରୁ ପ୍ରଦର୍ଶନୀ ହେଉଛି। ତୋ ଉଜଳା, ପଟନୀଙ୍କୁ ଦେଖିଲେ ତ ଆଖି ଖୋସି ହୋଇଯାଏ। ଭଜନିକୁ କହିବୁ ଉଜଳା, ପଟନୀ ଆଉ ବଉଳାକୁ ଘେନି ସେ କଟକ ଯାଉ। ଗାଈ ପିଛାକେ ପଚାଶ ଟଙ୍କା ପୁରସ୍କାର।" ପଚାଶ ଟଙ୍କା - କୋଡ଼ି କୋଡ଼ି ହେଇ ଦି' କୋଡ଼ି ଦଶ। ଏତେ ଟଙ୍କା ମିଳିବ? ଥାନାବାବୁ କହିଛନ୍ତି, ଗାଁ ଗାଁ କି ଦଫାଦାର ବାବୁ ବୁଝେଇ ଦେବେ, ସେଠାରେ ଗୋରୁଗାଈ ମଣିଷଙ୍କ ପାଇଁ ଖାଇବା ମାଗଣା, ଆଉ ସବୁ ସୁବିଧା ଅଛି। ସରସୀ ବାଉଳା ହୋଇ ଯାଉଛି, ଏତେ ଟଙ୍କା ମିଳିବ? ହେଲେ ସେ ବଉଳିକି ଛାଡ଼ି ପାରିବନି। କେଇ ସାଲ ହେଲା ତା' ବାହାଘର ହେଲାଣି, ଠାକୁରେ କୋଳକୁ କିଛି ଦେଲେନି। ଭଜନିଟା କାମଧନ୍ଦାରେ ଲାଗେ, ବିଲ ବାଛେ, ହଳକରେ, ସରସୀର ମନକଥା ବୁଝିବାକୁ ତାକୁ ତର ନାହିଁ, ଏଇ ବଉଳି, ମାତ୍ର ଚାରି ମାସର, ଭାରି ଦୁଧିଆଳି, ତା'ରି ଝିଅ ବଉଳି। ସରସୀ ଗାଈ ଦୁହେଁ, ବଉଳିର ଦୁଧଫେଣ ଲଗା ମୁହଁ, ବଉଳି ତା' ପିଠିରେ ବୁଲେଇ ଆଣେ। ସରସୀ ଅନୁଭବ କରେ ଏକ ଅବ୍ୟକ୍ତ ଶିହରଣ, ମାତୃତ୍ୱର ଅପୂର୍ବ ସାଫଲ୍ୟ। ସତରେ ବଉଳି ତା'ର ଝିଅ, ସେଦିନ ଗାଁର ହରିଜନ ଯାତ୍ରାଦଳ ରଙ୍ଗସଭା ସୁଆଙ୍ଗ କରୁଥିଲା। ବାଳ ଗୋପାଳ ପାଇଁ ଯଶୋମତୀର ସ୍ନେହ ବତ୍ସଳ ମନ, ଗୋଧନ ପଛରେ ଯାଉଥିବା କାହ୍ନୁ ପାଖେ ତାଙ୍କ ପ୍ରାଣ। କି ସ୍ୱର୍ଗୀୟ ସେଇ ଅପତ୍ୟ ପ୍ରେମ! ଠାକୁରେ ସିନା ସରସୀକୁ ମା' କଲେନି, ହେଲେ ସେ ତ ଯଶୋମତୀ, ତା'ର ଗଳାର ହାର, ଗଣ୍ଠିର ଧନ – ସେଇ ବଉଳି, ତାକୁ ବା କେମିତି ମୂର୍ଚ୍ଛିବ? ଧରମବାପା ଦଫାଦାର ବାବୁ, କହୁଛନ୍ତି ଦିନଟିଏ ପାଇଁ କଟକ ପଠେଇବାକୁ। ସେ ନଗଲା ନାହିଁ, ତା' ଅଜାତ ଅଛନ୍ତି, ବଉଳର କ'ଣ ଦେଖା ଶୁଣା କରିବେନି?

ସେଇ ଗାଁର ପଞ୍ଚୁ, ତା'ର କୁକୁରଟାଏ ଅଛି। ପୂରା ଦେଶୀ। ପଞ୍ଚୁ ନାଁ ଦେଇଛି କାଳିଆ, 'ଧ' କହିଲେ ଗାଈ ବଳଦଙ୍କ ଗଳା ବି ଝୁଣି ଦେବ। ଦେଖିବାକୁ ଭାରି କଉତୁକିଆ, ତେଲ ବୋହୁଛି। ଜମାଦାର ବାବୁ କହୁଛନ୍ତି - "କିରେ ପଞ୍ଚୁ, କାଳିଆକୁ ଘେନି କଟକକୁ ଯା। ଏ ଯେମିତି ନାଗଣ କୁକୁର, କେଜାଣି ତତେ କିଛି ମିଳିଯାଇପାରେ।" ପଞ୍ଚୁଆ କାଳିଆ ମୁଣ୍ଡରେ ହାତ ବୁଲେଇ ଆଣିଲା, କହିଲା – 'ଏ ଦେଶୀଟା କ'ଣ କାମ ତୁଲେଇ ପାରିବ?' ଲାଞ୍ଜପିଟି, ଆଗ ଦି' ଗୋଡ଼ରେ ମାଟି ଆମ୍ପୁଡ଼ି ଚାଲିଲା କାଳିଆ, ସବୁ ବିଲାତି କୁକୁରଙ୍କୁ ସେ ଭାଣ୍ଡ କରିଦେବ ଯେମିତି!

କଣ୍ଠ ପୂଝାରୀ। ପୁରୀ ସହର ଜଗାଘରେ ତାଲିମ ନେଇଛି, ତା'ର ଶୈଶବ କଟିଲା ପୁରୀର ଗୋଟା ଆଖଡ଼ା ଘରେ। ସାଧନା କରିଛି, ସ୍ମୃତି ବି ରଖିଛି। ସ୍ମାରକୀ ତା' ମୁଣ୍ଡର ସିନ୍ଦୂର କଳି। ଯେଉଁ ବୋଦାକୁ ଧୋବା ପାରେନି, କଣ୍ଠ ତା' ବେକରେ ଛୁରି ଦିଏ, ଏ ଅସାଧାରଣ ସାଧନା ସେ ପୁରୀରୁ ଶିଖିଛି। ବୋଦା ଗୋଟାକେ ଦି' ଟଙ୍କା, ବଳି ଦେବାରେ ସେ ଓସ୍ତାଦ। ଦଫାଦାର ବାବୁ ତାକୁ ବି ଭଳେଇଲେ। କଣ୍ଠ ପୁରୀରୁ ତାଲିମ ପାଇଛି, ହେଲେ ଦଫାଦରବାବୁ ପୂରା କଟକୀ। ତାଙ୍କ ଚିରାଚରିତ ଢଙ୍ଗରେ କହିଲେ- "ମାଲିକେ, ମେଣ୍ଢୀଟା ଥରେ ତାଲ ପକାଉ।' କଣ୍ଠ ମେଣ୍ଢୀଟା, ଠିକ୍ ସିଂହ ପରି। ଦୀର୍ଘକାୟ। କେଶରୀ କେଶରରେ ତା' ଗଳାଟା ସାନ୍ଦ୍ର। ଶିଙ୍ଗ ବାଙ୍କି ଯାଇଛି, ଶିଖ ଲୋକର ଶ୍ମଶ୍ରୁ ବନ୍ଧନ ପରିପାଟି ପରି ତା' ମୁଖ, କଂସେଇ ମାଧବ ମିଆଁ ଚାଳିଶ ଟଙ୍କା ହାଙ୍କିଥିଲା, କଣ୍ଠ ଦେଇ ନାହିଁ। ସେ ବୋଦାମାରେ, ହେଲେ ତା' କଠୋର ହୃଦୟରେ ମେଣ୍ଢୀଟା ପାଇଁ ଭାରି ଦରଦ, ସେ କ'ଣ ଟଙ୍କା କମେଇନି ଯେ, ତା' ଆଦରର ମେଣ୍ଢୀଟାକୁ କଂସେଇକୁ ବିକିଦେବ?

ସେଦିନ ଗାଁରେ ଗୋଟାଏ ଅଭିନବ ଦୃଶ୍ୟ। ମଳିମୁଣ୍ଡିଆ ତିନିଜଣ, ଆଗପଛ ହେଇ ଭଜନି, ପଞ୍ଚୁ, କଣ୍ଠ ଚାଲିଛନ୍ତି। କଟକରେ କୃଷି ପ୍ରଦର୍ଶନୀ। ପଲ୍ଲୀର ମଳିମୁଣ୍ଡିଆ କୃଷକର ସେଠି ଉପସ୍ଥାନ, ପୁଣି ସହରର ଛାତି ଉପରେ। ଅଠର କୋଶ ବାଟ, ଚାଲିଚାଲି ପାଦରୁ ପାଣି ମଲାଣି, ମଟର ଶବଦରେ କଣ୍ଠ ମେଣ୍ଢୀଟା ଦି' ଦି' ଥର ପଘା ଛିଣ୍ଡେଇଲାଣି, ଉଜଳା ଆଖିରୁ ଲୁହ ଦି' ଧାର ଗଡୁଛି, ଚାଲିଚାଲି ଥକି ଯାଇଛି। ଭଜନି ବଉଳିକୁ କାନ୍ଧରେ ବସେଇ, ବୋହି ବୋହି ହାଲିଆ। ଶେଷରେ ପାରିଲାନି, ଚାରିମାସର ଛୁଆଟା, ଅକାତ ହେଇ ପଡ଼ିଗଲାଣି, ଭଜନି ପିଲାକାଳୁ ବଉଳିକି ମୁଗଚୁନି ଖୋଇ ଶିଖେଇଛି, ଏଠି ଖାଲି ନଡ଼ାକୁଟା, ଆଉ କିଛି ମିଳୁନି, ଛୁଆଟା ଧକେଇଲାଣି। ବାବୁମାନେ କିଛି ଶୁଣୁନାହାନ୍ତି, ପଢ଼ିଆ ଯାକ ଖାଲି ମନ୍ତ୍ରୀଙ୍କ ଚର୍ଚ୍ଚା। ମନ୍ତ୍ରୀ ବଡ଼ଲୋକ, ନାଲିବତି ଗାଡ଼ି, କେତେଲୋକଙ୍କ ଗୁହାରି ଶୁଣନ୍ତି, ଗରିବଗୁରବାଙ୍କୁ ସହାନୁଭୂତି ଦେଖାନ୍ତି, ଗାଁକୁ ଭଲ ପାଆନ୍ତି, ଚାଷ, ଚାଷୀଙ୍କୁ ଆକାଶରେ ଥୋଇ ଦିଅନ୍ତି। ଯେତେ କଷ୍ଟ ହେଉପଛେ, ଏ ସହରୀ ଗାଈ, ବିଲାତି କୁକୁର, ଛେଳି ମେଣ୍ଢାଙ୍କୁ ଉଜଳା, କାଳିଆ, ନିଶ୍ଚେ ପରାସ୍ତ କରିବେ! ମନ୍ତ୍ରୀଙ୍କ ମନ କିଣି ନେବେ, ଏମାନେ ସବୁ ଗାଁର, କେତେ ଯତନରେ ବଢ଼ିଛନ୍ତି। ତାଙ୍କ ମାଲିକମାନେ ହୁଅନ୍ତୁ ପଛେ ମଳିମୁଣ୍ଡିଆ, ପୁରସ୍କାରଟା ବି ସେମାନଙ୍କର – ଏମିତି କେତେ କ'ଣ ସ୍ୱପ୍ନ ଦେଖୁଥିଲେ ତିନି ମଫସଲି ସେଇ ପ୍ରଦର୍ଶନୀରେ।

ହଠାତ୍ ରୋଳ ଉଠିଲା, 'ମନ୍ତ୍ରୀ ମଟର', 'ସାହେବ ମଟର', ପୁଲିସ୍ ସାଇରନ୍ ବାଜୁଛି। 'ହାକିମ ମଟର' – ପଢ଼ିଆଟା ସାରା ହୁରି ପଡ଼ିଗଲା। ସଭାଟିଏ ହେଲା ସେଇ ପଢ଼ିଆରେ। ପେଟ ଦି' ଦଉଡ଼ି ହେଇଗଲାଣି, ତଥାପି ମନ୍ତ୍ରୀଙ୍କ ଭାଷଣ ଶୁଣୁଛନ୍ତି ପଞ୍ଚୁ, କଣ୍ଠ ଆଉ ଭଜନି। ଡାକବାଜି ଯନ୍ତ୍ରରେ କୁହାଟ ଶୁଭୁଛି। ମନ୍ତ୍ରୀ ହଲାଣ୍ଡ, ଡେନମାର୍କ କଥା କହୁଛନ୍ତି, ସେଠି ଗୋରୁଗାଈଙ୍କୁ ଯେମିତି ଖାଦ୍ୟ ଦିଆଯାଏ, ଆମ ଚାଷୀ ସେମିତି ଦେବା କଥା। ଏ ବିଷୟରେ ଅନେକ ବହି ବାହାରିଛି, ସେଗୁଡ଼ିକୁ ପଢ଼ିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଲେ। ତା' ପରେ ଡେନ୍‌ମାର୍କରୁ ଟ୍ରେନିଂ ପାଇ ଆସିଥିବା କୃଷି ବିଭାଗର ଜଣେ ଅଫିସର ବକ୍ତୃତା ଦେଲେ। କୁକୁଡ଼ା ଚାଷ, ଗୋପାଳନ ଉପରେ ଢେର୍ କହିଲେ। ତିନି ମଳିମୁଣ୍ଡିଆ ଭାବୁଥିଲେ କାହିଁ ଦିନେ ତ ବାବୁ ଗାଁକୁ ଯାଇନାହାନ୍ତି? ପଦୁଟିଏ ବି ଏଯାକ ଏକଥା କହିନାହାନ୍ତି? କିନ୍ତୁ ମନ୍ତ୍ରୀ ମହୋଦୟ କୃଷି ବିଭାଗକୁ ଧନ୍ୟବାଦ ଜଣାଉଛନ୍ତି! ଏ କି କଥା? ତିନି ଗାଉଁଲି, ପରସ୍ପର ମୁହଁକୁ ଚାହିଁଲେ। ସହରୀ ବାବୁ, ବଡ଼ଲୋକମାନେ ତା'ହେଲେ ଏୟା! କଥା ଗୋଟେ, କାମ ପୂରା ଅଲଗା!

ସଭା ନିସ୍ତବ୍ଧ, ଏବେ ପୁରସ୍କାର ଘୋଷଣା। ଭଲ ଦୁହାଁଳିଆ ଗାଈ ପାଇଁ ମହନ୍ତ ମହାରାଜାଙ୍କ ପାଟ ଗାଈ। ଭଲ କୁକୁର ପାଇଁ ଡେପୁଟି ମାଜିଷ୍ଟ୍ରେଟ୍ ଭଟ୍ଟାଚାର୍ଯ୍ୟଙ୍କର ଲିଲି କୁକୁର, ଭଲ ମେଣ୍ଢୀ ପାଇଁ ବିଖ୍ୟାତ ବ୍ୟବସାୟୀ, କାରପଟ୍‌ଦାର ଆବୁ ସେନ୍‌ଙ୍କର ମେରୀ ପ୍ୟାରୀ ମେଣ୍ଢୀ – ଏମାନେ ପୁରସ୍କାର ପାଇଲେ।

ପଞ୍ଚୁ ଚାହୁଁଛି ଭଜନି ଆଡ଼େ, ଭଜନି କଣ୍ଠ ଆଡ଼େ, ଏ କି କଥା? ଦଫାଦରବାବୁ ତା'ହେଲେ ମିଛ କହୁଥିଲେ। ସବୁ ମାରିନେଲେ ମହାପାତ୍ରେ, ଏ ତିନି ଜଳକା ଜଳଜଳ ହୋଇ ଚାହିଁଥିଲେ। ଅଣ୍ଟାରେ ପଇସା ନାହିଁ, ଅଠରକୋଶ ଯିବାକୁ ହେବ, ସରସୀ ବାର ଅଣା ଅଢ଼େଇ ପଇସା ଦେଇଥିଲା। ବାଟରେ କୁଣ୍ଡା, ଛଣ, କଞ୍ଚାଚୁଡ଼ା କିଣାରେ ସେତିକି ଗଲା। କାଳିଆ କୁକୁର ପଣ୍ୟ ନୁହେଁ, ତା' କଥା ନୁହେଁ, ଉଜଳା ବଉଳି ମା' ଝିଅ, ଏତ ଭଜନିର ସଂସାର। ଶେଷରେ ରହିଲା କଣ୍ଠର ମେଣ୍ଢୀଟା, ପେଟ ଦାଉରେ ଆଉଟୁ ପାଉଟୁ ହେଲେଣି ତିନିହେଁ। କଣ୍ଠ ମେଣ୍ଢୀଟାକୁ ପାଞ୍ଚ ଟଙ୍କାରେ ଛାଡ଼ି ଦେଲା, ସେଇ କଂସେଇ ସମ୍ରାଟ ସରିଫ୍ ମିଆଁକୁ। ଏବେ ବଉଳି ଅବସ୍ଥା ଅସମ୍ଭାଳ, ସେ ଝଲକାଏ ରକ୍ତ ବାନ୍ତି କରି ପକେଇଲା, ଉଜଳାର ପଛଖୁରା ଖଲି ଧରିଛି, ବଉଳିକୁ ଚାହିଁଛି, ସେମିତି ଦି' ଧାର ଲୁହ ବହି ଯାଉଛି। ଭଜନିକୁ ସବୁ ଅନ୍ଧାର ଦିଶିଲା। ସରସୀକୁ କ'ଣ କହିବ? ସେ ବଞ୍ଚିବିଟି? ବଉଳି ତା'ର ଝିଅ ଥିଲା। କଣ୍ଠ କହିଲା – "ଦେ ଭାଇ, ବଉଳିଟାକୁ ସଡ଼କ ତଳକୁ ଗଡ଼େଇ ଦିଏ। ଆମେ ମଳିମୁଣ୍ଡିଆ।"

ଗାଁ ମଣିଷଟେ, ସହରୀବାବୁ ତାଙ୍କୁ ଭୁଲେଇ ଦେଲେ। ସେ ତ ମଳିମୁଣ୍ଡିଆ, ପାଠୁଆ ବାବୁମାନଙ୍କ ସହ ସମାନ କାହୁଁ ହେବ? ସେଇ ଗୋଠରେ ବଳଦ, ଗାଈ ବାଛୁରୀ, ଛେଳି ମେଣ୍ଢା, ତାଙ୍କୁ ସେ ସ୍ନେହ ଶ୍ରଦ୍ଧା କରେ, ଆଦରରେ ଖୁଆଏ, ଧୋଇଧାଇ ଦେଇ ପାଟକନାରେ ପୋଛିଦିଏ। ସେମାନଙ୍କ ସେବାକରେ, ଗୋମାତାଙ୍କୁ ପୂଜାକରେ। ତା' ମନକୁ କେହି ବୁଝନ୍ତିନି, ସମସ୍ତେ କାନ୍ଦନ୍ତି ତା' ପାଇଁ କାହା ଆଖିରୁ ଲୁହଟୋପା ଝରେନି, ଖାଲି କୁମ୍ଭୀର କାନ୍ଦଣା। ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ଲୋଡ଼ା, କଥାରେ ଅଛି – "ଚାଷ ଅଛି ଯାହାର କି ଆନନ୍ଦ ତାହାର, ଚାଷୀଭାଇ ଯୋଗାଉଛି ଦୁନିଆକୁ ଆହାର।" ତା'ର ହାତ ଟେକାକୁ ଜଗତ ଚାହିଁଛି। ସଭ୍ୟ ମଣିଷ ଏ କଥା ବୁଝେନା। ସେମାନଙ୍କୁ ମଳିମୁଣ୍ଡିଆ କହେ, ନାକ ଟେକେ। ଏଭଳି ମାନସିକତାକୁ ପରିହାର କରିବାକୁ ହେବ, ସେମାନଙ୍କୁ କୋଳେଇ ନେବାକୁ ପଡ଼ିବ। ଆସନ୍ତୁ ନା ସମସ୍ତେ ଆନନ୍ଦରେ କହିବା 'ଜୟ କିଷାନ୍'!

# ବିଶ୍ୱାସ ହରାଉଛି ଆତ୍ମବିଶ୍ୱାସ



ହିତାଂଶୁ ଶେଖର ମହାନ୍ତ
ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪

ବେଳେବେଳେ ଏମିତି ହୁଏ, ଆପଣ ସମସ୍ତଙ୍କ ଗହଣରେ ଥାଇ ବି ଏକୁଟିଆ ଅନୁଭବ କରନ୍ତି। ସବୁପ୍ରକାର ପ୍ରାପ୍ତି ହାସଲ କରିବା ସତ୍ତ୍ୱେ ମନେହୁଏ, ଯେମିତି ଅନେକ କିଛି ବାକି ରହିଯାଇଛି। ସଫଳତାର ଶୀର୍ଷରେ ଥାଇ ମଧ୍ୟ ନିଜକୁ ରଙ୍କଟିଏ ପରି ଅନୁଭବ ହୁଏ। ଏ ଧରଣର ସ୍ଥିତି ବା ଅନୁଚିନ୍ତାକୁ କ'ଣ କୁହାଯାଇପାରିବ? କେଉଁଭଳି ପରିସ୍ଥିତି ଉପୁଜିଲେ ମନରେ ଏ ପ୍ରକାର ଚିନ୍ତା ଆସେ କେବେ କଳ୍ପନା କରିଛନ୍ତି କି? ଏଭଳି ହେବା ପଛର କାରଣ ହେଉଛି ନିଜ ଉପରୁ ଆତ୍ମବିଶ୍ୱାସ କମିଯିବା। ଥରେ ନିଜ ଉପରୁ ଆତ୍ମବିଶ୍ୱାସ କମିଗଲେ, ସମସ୍ତଙ୍କ ଉପରୁ ହିଁ ବିଶ୍ୱାସ ତୁଟିଯାଏ। ଏଭଳି ଅନୁଭବ ହୁଏ, ସତେଯେମିତି ନିଜଛଡ଼ା ଅନ୍ୟ ସମସ୍ତେ ହେଉଛନ୍ତି ଜଣେ ଜଣେ ଷଡ଼ଯନ୍ତ୍ରକାରୀ। କେହିଜଣେ ଭଲ କଥାଟିଏ କହିଲେ ମଧ୍ୟ ତା'ର ଖରାପ ଦିଗଟି ଅଧିକ ଜଳଜଳ ହୋଇ ଦିଶେ। କେହି ଉପକାର କରିବାକୁ ହାତ ବଢ଼ାଇଲେ ମଧ୍ୟ ସେ କାହିଁକି ବିନା ସ୍ୱାର୍ଥରେ ଏପରି କରିବାକୁ ହାତ ବଢ଼ାଉଛି, ସେଥିପାଇଁ ସନ୍ଦେହ ଉପୁଜେ। ତେଣୁ ଆଜିର ଦୁନିଆରେ ସ୍ୱୟଂ ଆତ୍ମବିଶ୍ୱାସ ହିଁ ବିଶ୍ୱାସ ହରାଉଥିବା ପ୍ରତୀୟମାନ ହେଉଛି, ନୁହେଁ କି?

ଅନ୍ୟମାନଙ୍କୁ ଆବଶ୍ୟକତାଠାରୁ ଅଧିକ ସନ୍ଦେହ କରିବା ଓ ନିଜ ଉପରୁ ଆତ୍ମବିଶ୍ୱାସ ହରାଇବା କ'ଣ ଏକ ରୋଗ? ଯଦି ଏହାକୁ ଏକ ରୋଗ ବୋଲି ଧରାଯାଏ, ତେବେ ଏଥିରେ ପୀଡ଼ିତ ଏପରି ଅନେକଙ୍କୁ ଆପଣ ନିଜ ଆଖପାଖରେ ପାଇବେ। ତେବେ କେହିଜଣେ ଆପଣଙ୍କ ପଛରେ ସତସତିକା ଷଡ଼ଯନ୍ତ୍ର କରୁଛି ନା ଆପଣଙ୍କୁ ଏପରି ଅନୁଭବ ହେଉଛି, ତାହା ଜାଣିବାର ଉପାୟ କିଛି ଅଛି କି? ଏପରି କାହିଁକି ବା ହୁଏ? ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏବଂ ସେଠାରୁ ନେଇ ବୃତ୍ତିଗତ ଶିକ୍ଷା ସରିବା ପର୍ଯ୍ୟନ୍ତ ମେଧାବୀ ରହି ଆସିଥିବା ଛାତ୍ର ବା ଛାତ୍ରୀଟିଏ କାହିଁକି ଜୀବନର କୌଣସି ଏକ ମୋଡ଼ରେ ନିଜ ଛାଇକୁ ମଧ୍ୟ ଡରିବା ଆରମ୍ଭ କରେ? କାହିଁକି ଜଣେ ସାମ୍ନାରେ କୌଣସି ବରିଷ୍ଠ ବ୍ୟକ୍ତି/ପରିବାର ସଦସ୍ୟ/ଅଧିକାରୀଙ୍କୁ ଦେଖିଲେ କ'ଣ କହିବ ନ କହିବ ଚିନ୍ତାକରି ପାଟି ଖନି ମାରିଯାଏ? ଯେଉଁଠାରୁ ବା ଯେବେଠାରୁ ଏପରି ଅନୁଭବ ହେବା ଆରମ୍ଭ ହୁଏ, ସେବେଠାରୁ ଏହି ସ୍ୱତନ୍ତ୍ର ଅଥଚ ମାରକ ଚିନ୍ତାଧାରା ଜଣଙ୍କ ଚିନ୍ତାଶକ୍ତିକୁ ଘୁଣପରି କୋରି କୋରି ଖାଇବା ଆରମ୍ଭ କରେ। ଏହାକୁ କ'ଣ ସିଜୋଫ୍ରେନିଆ କୁହାଯିବ? ହୁଏତ ହୋଇପାରେ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ମନୋଚିକିତ୍ସକମାନେ ଏହାକୁ ଅସ୍ୱୀକାର କରନ୍ତି। କାରଣ ଏଭଳି ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ମାନସିକ ରୋଗୀଙ୍କ ସଂଖ୍ୟା ଏକ ପ୍ରତିଶତରୁ ମଧ୍ୟ କମ୍। ସେଥିପାଇଁ ନିଜ ଉପରୁ ଆତ୍ମବିଶ୍ୱାସ ହରାଇଥିବା ସମସ୍ତ ବ୍ୟକ୍ତି ମଧ୍ୟ ନିଶ୍ଚିତ ରୂପେ ମାନସିକ ରୋଗୀ ହୋଇ ନ ପାରନ୍ତି। ତେବେ ଏପରି ହୁଏ କାହିଁକି?

ଖୁବ୍ କମ୍ ବୟସରୁ ଘର ଓ ପରିବାର ଛାଡ଼ି ହଷ୍ଟେଲରେ ଏକାକୀ ରହିବା, ଅତ୍ୟଧିକ ସେଲ୍ ଫୋନ୍ ବ୍ୟବହାର କରିବା ଏବଂ ପ୍ରିୟ ପରିଜନଙ୍କ ସହ ଉତ୍ତମ ସମ୍ପର୍କର ଅଭାବ, ଏପରି ହେବା ପଛର ଅନ୍ୟତମ ପ୍ରମୁଖ କାରଣ ହୋଇଥାଏ। ସେଥିପାଇଁ ଜଣେ ବ୍ୟକ୍ତି ଭିତରେ ଭିତରେ କେତେବେଳେ ଯେ ଅତିମାତ୍ରାରେ ଆତ୍ମକୈନ୍ଦ୍ରିକ ପାଲଟିଯାଏ, ସେକଥା ବୁଝିବା ବେଳକୁ ବହୁ ବିଳମ୍ବ ହୋଇ ସାରିଥାଏ।

କାହାସହିତ ଯେତେବେଳେ ପ୍ରଥମ ଥର ପାଇଁ ଏପରି ଘଟେ, ସେବେଠାରୁ ହିଁ ଏହାର ପ୍ରତିକାର ବ୍ୟବସ୍ଥା ଆରମ୍ଭ କରିଦେବା ସର୍ବାଦୌ ବାଂଛନୀୟ। ସେଥିପାଇଁ ଏହାକୁ ଦୂରେଇବାର ସବୁଠାରୁ ଉତ୍କୃଷ୍ଟ ଉପାୟ ହେଲା, ଯେତେବେଳେ ଏକାକୀ ଅନୁଭବ ହେଉଛି, ବନ୍ଧୁ ପରିଜନଙ୍କ ମେଳରେ ରହିବାକୁ ଚେଷ୍ଟା କରନ୍ତୁ। ମନେରଖନ୍ତୁ, କେବଳ ନିଜ ପରିବାର ହିଁ ହେଉଛି ଏପରି ଏକ ମହୌଷଧି, ଯାହାକୁ ପାଖରେ ପାଇଲେ ଜଣେ ଅସ୍ୱାଭାବିକ ବ୍ୟବହାର ଦେଖାଉଥିବା ବ୍ୟକ୍ତି ମଧ୍ୟ କ୍ରମେ ସ୍ୱାଭାବିକତା ଆଡ଼କୁ ଗତିକରିଥାଏ। ଜୀବନରେ ଖୁସି ରହିବାକୁ ହେଲେ କେବଳ ବହୁତଗୁଡ଼ାଏ ଟଙ୍କାର ଆବଶ୍ୟକତା ନାହିଁ। ସେଥିପାଇଁ ଯାହା ସବୁଠାରୁ ଅଧିକ ଆବଶ୍ୟକ, ତାହା ହେଉଛି ମାନସିକ ଶାନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ମାନସିକ ଶାନ୍ତି ପାଇଁ କ'ଣ କରାଯାଇପାରେ? ସବୁଠାରୁ ସହଜ ଉପାୟଟି କ'ଣ? ଜଣେ ଯାହା ଆଶାକରୁଛି, ତାହା ନ ପାଇଲେ, ମନରେ ଅସନ୍ତୋଷ ବୃଦ୍ଧି ପାଇବା ସ୍ୱାଭାବିକ। ତେଣିକି ଯିଏ ଯେତେ ପ୍ରବଚନ ଦେଉନା କାହିଁକି (ଏଇ ଯେମିତି:- ଅଧିକ ଆଶା କରନାହିଁ। କାମନାର ବିନାଶରେ ହିଁ ଦୁଃଖର ବିନାଶ। ଯେତେ କମ୍ ଆବଶ୍ୟକତାରେ ଚଳିଯାଇହେବ, ଚଳିଯିବା ଭଲ ଇତ୍ୟାଦି) ତେବେ ଥରେ ଭାବିଲେ ଦେଖି, ଆପଣ ଗୋଟେ କାର୍ କିଣିବାକୁ ସକ୍ଷମ ଥିବାବେଳେ ନିଜ ପାଖରେ ଥିବା ବାଇକ୍‌ଟିରେ ସନ୍ତୁଷ୍ଟ ରହିପାରିବେ କି? ଗୋଟିଏ ଫ୍ଲାଟ୍ କିଣିବାକୁ ସକ୍ଷମ ଥିବା ବ୍ୟକ୍ତିଜଣକ ଏକ ଭଡ଼ାଘରେ କେତେଦିନ ବା ସନ୍ତୁଷ୍ଟ ରହିପାରିବ? ସେତେବେଳେ ମନରେ ପାଲଟା ଯୁକ୍ତି ଆସିବ କି ନାହିଁ, ଜୀବନଟା ଅଢ଼େଇଦିନର, ତେଣୁ ଯାହା ଯାହା ଏ ମନ ଆଶା କରୁଛି, ତାକୁ ପୂରା କରିବାକୁ ଦିଆଯାଉ ବୋଲି! ମନ ତୋହର ନିଜଗୁରୁ... ! ଯିଏ କହୁଛନ୍ତି, ନା ଏହା ମୋ ମନର କଥା ନୁହେଁ ବୋଲି; ମୋତେ ବିଶ୍ୱାସ କରନ୍ତୁ, ସେ ଆଦୌ ସତ କହୁନାହାନ୍ତି।

ଏପରି ନୁହେଁ ଯେ, ଯେଉଁମାନଙ୍କଠାରେ ଆତ୍ମବିଶ୍ୱାସର ଅଭାବ ଦେଖାଯାଏ, ସେମାନେ ଆଉ ତାହା ଫେରିପାଆନ୍ତି ନାହିଁ ବୋଲି। ଅଧିକନ୍ତୁ, ଜୀବନରେ ଏପରି ଏକ ମୋଡ଼ ବି ଆସେ, ଯେତେବେଳେ କି ସେମାନେ କୌଣସି ସାଧାରଣ ବ୍ୟକ୍ତିଙ୍କଠାରୁ ଅଧିକ ଧୀଶକ୍ତି ସମ୍ପନ୍ନରେ ପରିବର୍ତ୍ତିତ ହୋଇଯାନ୍ତି। ଜନ୍ମରୁ ଆତ୍ମବିଶ୍ୱାସ ହରାଇ ନ ଥିବା ଏପରି ବ୍ୟକ୍ତିଙ୍କ ନିମନ୍ତେ ପରିବାର ସଦସ୍ୟଙ୍କ ପ୍ରଥମ କର୍ତ୍ତବ୍ୟ ହେଲା, ସେମାନଙ୍କୁ ଏକ ସକାରାତ୍ମକ ବାତାବରଣ ଭିତରକୁ ଫେରାଇ ଆଣିବା। ସେଥିପାଇଁ ସେମାନେ ପଢ଼ା ସମୟରେ ବାହାରେ ରହୁଥିଲେ, ଲମ୍ବା ଛୁଟିଗୁଡ଼ିକରେ ପାରୁପର୍ଯ୍ୟନ୍ତ ଘରେ ସେମାନଙ୍କ ସହ ଅଧିକ ସମୟ ବିତାଇବା। ସେମାନଙ୍କ ମନ ପସନ୍ଦର ରେଷ୍ଟୁରାଣ୍ଟକୁ ନେଇ ଖୁଆଇବା କିମ୍ବା ମନପସନ୍ଦର ଖାଦ୍ୟ ଘରେ ରୋଷେଇକରି ଖୁଆଇବା। ସେମାନେ ପସନ୍ଦ କରୁଥିବା ଲେଖକଙ୍କ ବହି କିଣି ଉପହାର ଦେବା, ସେମାନଙ୍କ ପସନ୍ଦର ଚଳଚ୍ଚିତ୍ର ଦେଖିବାର ସୁଯୋଗ ଦେବା ନଚେତ୍ ସେମାନଙ୍କ ପସନ୍ଦର ଟେଲିଭିଜନ ସିରିଏଲ୍ ଦେଖିବା ଭଳି ସ୍ଥିତି ଉତ୍ପନ୍ନ କରିବା। ସେମାନେ ଘରେ ଥିବା ସମୟରେ ସେମାନଙ୍କ ମନପସନ୍ଦର ସଂଗୀତ ଟେପ୍ ରେକର୍ଡରରେ ବଜାଇବା ଏକ 'ହିଲିଂ ଥେରାପି' ଭଳି କାମ ଦେଇଥାଏ। ଉପଯୁକ୍ତ ସମୟରେ ଉପଯୁକ୍ତ ବ୍ୟକ୍ତିଙ୍କ ଆଗରେ ଉପଯୁକ୍ତ ବିଷୟରେ ଉପଯୁକ୍ତ କଥା କହିବା ହିଁ 'ହାତେ ମାପି ଚାଖଣ୍ଡେ ଚାଲୁଥିବା' ବ୍ୟକ୍ତିବିଶେଷଙ୍କ ନିମନ୍ତେ ସବୁଠାରୁ ଫଳପ୍ରଦ ହୋଇଥାଏ। ସୋନେ ନର୍ଭସ୍‌ନେସ୍ (ହତଭମ୍ବତା)ର ଶିକାର ହେବା ପରିବର୍ତ୍ତେ ଓଲଟି ଓଭର କନଫିଡେଣ୍ଟ (ଅତ୍ୟଧିକ ଆତ୍ମବିଶ୍ୱାସୀ) ପାଲଟିଯା'ନ୍ତି। ତେବେ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କୁ ଟିକିଏ 'ପୁସିଂ' ବା ପଛଠେଲା ଆବଶ୍ୟକ ପଡ଼ିଥାଏ। ପ୍ରକାରାନ୍ତରେ ସେତକ କରି ନ ପାରିଲେ ଜଣଙ୍କ ପାଇଁ 'ପଛ ବେଞ୍ଚର ପିଲା ବା ବ୍ୟାକ୍ ବେଞ୍ଚର୍' ଟ୍ୟାଗ୍ ଲାଇନ୍ ଲାଗିଯାଏ। ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ, ଯିଏ ସହଜରେ ସଫଳତା ପ୍ରାପ୍ତ ହୋଇଥାନ୍ତି, ସେ ତା'ର ମୂଲ୍ୟ ବୁଝି ନ ଥାନ୍ତି। ତେଣୁ ତାଙ୍କ ପାଇଁ ସଫଳତା ବଜାୟ ରଖିବା କାଠିକର ହୋଇଥାଏ। ସଫଳତାକୁ ସେଇମାନେ ହିଁ ବଜାୟ ରଖିପାରନ୍ତି, ଯେଉଁମାନେ ଜୀବନ ରୂପକ ଚଲାପଥର ବନ୍ଧୁର ବାଟରେ ପଡ଼ିଉଠି ନିଜ ଗନ୍ତବ୍ୟ ଦିଗରେ ଧିରେ ଧିରେ ଆଗେଇଥାନ୍ତି। ଠେକୁଆ ଓ କଇଁଛ ଦୌଡ଼ ପ୍ରତିଯୋଗିତାରେ ସେଇମାନେ ହିଁ ବିଜେତା କଇଁଛ ସାବ୍ୟସ୍ତ ହୁଅନ୍ତି।

# ଭାରତର ପ୍ରଗତିରେ ପ୍ରବାସୀ ଭାରତୀୟ



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଭାରତର ପ୍ରଗତିରେ ପ୍ରବାସୀ ଭାରତୀୟଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ଦେଶର ବିକାଶ ଓ ସମୃଦ୍ଧିରେ ପ୍ରବାସୀ ଭାରତୀୟଙ୍କ ଅବଦାନ ଯେ ଅତୁଳନୀୟ ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଦିନଟିକୁ ସ୍ମରଣାତିତ ରଖିବା ଉଦ୍ଦେଶ୍ୟରେ ୨୦୦୩ ମସିହାରୁ ପ୍ରତିବର୍ଷ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆନୁକୂଲ୍ୟରେ ଜାନୁଆରୀ ୯ ତାରିଖ ଟିକୁ 'ପ୍ରବାସୀ ଭାରତୀୟ ଦିବସ'ଭାବେ ପାଳନ କରାଯାଉଛି। ଏହି ଦିବସଟି ଆମ ସ୍ୱାଧୀନତା ଆନ୍ଦୋଳନ ସହିତ ଜଡିତ। ଜାତିର ପିତା ମହାତ୍ମାଗାନ୍ଧୀ ତାଙ୍କର ଦକ୍ଷିଣ ଆଫ୍ରିକାରୁ ଦେଶକୁ ପ୍ରତ୍ୟାବର୍ତ୍ତନ ପରେ ସ୍ୱାଧୀନତାର ଯେଉଁ ବୀଜ ବପନ କରିଥିଲେ ବାସ୍ତବିକ ତାହା ଆଜି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଆମର ପ୍ରାକ୍ତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଫ୍ରିକାରୁ ପ୍ରତ୍ୟାବର୍ତ୍ତନ ଦିବସ ଜାନୁଆରୀ ୯, ୧୯୧୫ ଆଧାରରେ ପ୍ରବାସୀ ଭାରତୀୟ ଦିବସ ପାଳନ କରିବାର ଶୁଭାରମ୍ଭ କରିଥିଲେ। ଏହି ପରମ୍ପରାକୁ ଆମ ଦେସର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନୂତନ ରୁପରେଖ ଦେଇ ପାଳନ କରୁଥିବାରୁ ବିଶେଷ କରି ଚଳିତ ବର୍ଷ ଏହି ପର୍ବର ଆୟୋଜନ ଓଡିଶାକୁ ପ୍ରଦାନ କରିଥିବାରୁ ସମସ୍ତ ରାଜ୍ୟବାସୀ ତାଙ୍କଠାରେ କୃତଜ୍ଞ। ରତ୍ନଗର୍ଭା ଓଡିଶା ଯେଉଁଠାରେ କୋଟି ଓଡିଆର ମଉଡମଣି ଜଗତରନାଥ ଜଗନ୍ନାଥ ବିରାଜିତ ସେହି ସ୍ଥାନରେ ପ୍ରଥମ କରି ଏପରି ଏକ ବର୍ଣ୍ଣାଢ୍ୟ ମହୋତ୍ସବ ପାଳନ କରୁଥିବାରୁ ଓଡିଶାବାସୀ ଗର୍ବିତ। ଭାରତକୁ ବିକଶିତ ଦେଶରେ ପରିଣତ କରି ବିଶ୍ୱନେତୃତ୍ୱ ନେବାକୁ ହେଲେ ପ୍ରବାସୀ ଭାରତୀୟଙ୍କ ସହଯୋଗ ଓ ଅବଦାନ ନିତ୍ୟାନ୍ତ ପ୍ରୟୋଜନୀୟ। ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ନିଜ ଜୀବଦ୍ଦଶା ଭିତରେ ଅସହାୟ, ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ଭିତରେ ଥିବା ଭେଦଭାବକୁ ଦୂରିଭୂତ କରି ସେମାନଙ୍କୁ ସେମାନଙ୍କର ନୈତିକ ଅଧିକାର ବିଷୟରେ ଜାଗ୍ରତ କରିଥିଲେ। ଅନେକ ଦିନ ଧରି ଏହି ଘୃଣ୍ୟ ପରମ୍ପରା, ଭେଦ ଭାବ, ବଡ ସାନର ପ୍ରଭେଦ ସମାଜର ଅଙ୍ଗ ପାଲଟି ଯାଇଥିଲା ଯାହାକୁ ଆମ୍ବେଦକର, ମହାତ୍ମାଗାନ୍ଧୀ ଦୂରିଭୂତ କରିଥିଲେ। ତଥାପି ଏହି ପରମ୍ପରା ଅନେକ ସ୍ଥାନରେ ପ୍ରଚଳିତ ଥିଲା। କିନ୍ତୁ ଆଜି ଆଉ ସେ ସମୟ ନାହିଁ। ପ୍ରତ୍ୟେକ ପ୍ରତ୍ୟେକଙ୍କ ନୈତିକ ଅଧିକାର ବିଷୟରେ ବେଶ ସଚେତନ। ବିଦେଶୀ କବଳରୁ ଭାରତ ମାତାକୁ ବେଡିମୁକ୍ତ କରିବା ପାଇଁ ଗାନ୍ଧିଜୀଙ୍କ ଅହିଂସା ମନ୍ତ୍ର ଓ କୁହୁକ ଆହ୍ୱାନରେ ସାଧାରଣରୁ ଅସାଧାରଣ ଲୋକ, ଯୁବକ, ପିଲା, ବୁଢା ରମଣୀ ସମସ୍ତେ ଅତି ସାହସର ସହିତ ଦେଶପ୍ରେମର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ତାହା ଥିଲା ଅତୁଳନୀୟ। ଗାନ୍ଧିଜୀଙ୍କ ଏହି ଅଦମ୍ୟ ପ୍ରୟାସ ଓ ଅବଦାନକୁ ସ୍ମରଣାତିତ କରି ଦେଶକୁ ଆଗେଇ ନେବା ପ୍ରତ୍ୟେକ ପ୍ରବାସୀ ଭାରତୀୟଙ୍କ ଆଭିମୁଖ୍ୟ ହେବା ଦରକାର। ପ୍ରତ୍ୟେକ ଭାରତୀୟଙ୍କ ଅବିଶ୍ରାନ୍ତ କର୍ମଯୋଗର କୋଳାହଳ ମଧ୍ୟରେ ଲୁଚିରହିଥିବା ଶାନ୍ତିର ନିଃସର୍ଗ ବୈରାଗ୍ୟ ଦେଦୀପ୍ୟମାନ ଏବଂ ଜୀବନର ତୁଚ୍ଛ ଜଞ୍ଜାଳରେ ଆଦର୍ଶର ଯେଉଁ ମହିମା ସୂର୍ଯ୍ୟମୁଖୀ ଥିଲା ତାଙ୍କର ସାଧନା ଓ ସଂକଳ୍ପ। ଗଙ୍ଗାଧର ମେହେର ନିଜର 'କର୍ମଗୁଣ' କବିତାରେ କହିଛନ୍ତି ନୀଚ ବଂଶଜ ହେଲେ ମଧ୍ୟ ଉଚ୍ଚ କର୍ମ ଯୋଗୁ ବ୍ୟକ୍ତି ଉଚ୍ଚତାର ଶୀର୍ଷ ସୀମାକୁ ଉନ୍ନୀତ ହୋଇପାରେ। "ଉଚ୍ଚ ସେହୁ ଉଚ୍ଚ କର୍ମ କରେ ଯେଉଁ ଜନ/ କରମ ନିମନ୍ତେ ନାହିଁ ବଂଶ ପ୍ରୟୋଜନ"। ନିଜର କର୍ମମୟ ଜୀବନର ଉନ୍ନତି ପାଇଁ ପ୍ରବାସରେ ରହିଥିଲେ ମଧ୍ୟ ନିଜ ମାତୃଭୂମି ଓ ମାତୃଭାଷା ପ୍ରତି ଯଥୋଚିତ ସମ୍ମାନ ରହିବା ଆବଶ୍ୟକ। କାରଣ କବିଙ୍କ ଭାଷାରେ " ମାତୃଭୂମି ମାତୃଭାଷାର ମମତା ଯା'ହୃଦେ ଜନମି ନାହିଁ- ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ"।

ଏହି ପ୍ରବାସୀ ଭାରତୀୟ ସମଗ୍ର ବିଶ୍ୱରେ ତିନି ଶ୍ରେଣୀରେ ବିଭକ୍ତ— ପ୍ରବାସୀ ଭାରତୀୟ (ଏନ.ଆର.ଆଇ), ଭାରତୀୟ ବଂଶୋଦ୍ଭବ-ପି.ଆଇ.ଓ ଏମାନଙ୍କ ବଂଶଧର ବା ପୂର୍ବଜ ଭାରତ ମାଟିରେ ଜନ୍ମଲାଭ କରି ମଧ ସେମାନେ ବିଦେଶୀ ମାଟିକୁ ଆପଣେଇ ନେଇଛନ୍ତି। ତୃତୀୟଟି ହେଲା ଭାରତର ବିଦେଶୀ ନାଗରିକ ଯଦିଓ ଏମାନଙ୍କର ବିଦେଶ ମାଟିରେ ଜନ୍ମ ତଥାପି ସେମାନେ ନିଜର ଦେଶକୁ ଛାଡି ଭାରତର ଐତିହ୍ୟ, ସଂସ୍କୃତି, ପରମ୍ପରା ସହିତ ନଜକୁ ଜଡିତ କରି ଭାରତର ନାଗରିକତ୍ୱ ନେବା ସହ ଏମାନଙ୍କର ଭାରତକୁ ଭଲପାଇବା ନିଶ୍ଚିତ ଭାବେ ପ୍ରଣିଧାନ ଯୋଗ୍ୟ। ଏହି ପ୍ରବାସୀ ଭାରତୀୟ ମାନେ କେବଳ ପ୍ରବାସର କାହାଣୀ ହୋଇ ନରହି ସେମାନେ ନବ ସୃଜନର ପ୍ରତିଶୃତି ବହନ କରି ଚାଲିଛନ୍ତି। ଆଜି ବିଶ୍ୱ ମାନଚିତ୍ରରେ ଅନେକ ପ୍ରବାସୀ ଭାରତୀୟ ତଥା ଭାରତୀୟ ବଂଶୋଭବ ଦେଶର ତଥା ବିଶ୍ୱର ଗୁରୁତ୍ୱ ପୂର୍ଣ୍ଣ ପଦ ପଦବୀରେ ଅଧିଷ୍ଠିତ। ଦେଶର ଶ୍ରେଷ୍ଠ ଧନୀ, ଦେଶର ରାଷ୍ଟ୍ର ମୁଖ୍ୟ, ଦେଶ ବିଦେଶରେ ଅନେକ ନାମୀ ଦାମୀ କମ୍ପାନୀର କାର୍ଯ୍ୟନିର୍ବାହୀ ମୁଖ୍ୟ ଭାବେ ରହିବା ସହ ବିଜ୍ଞାନ, ସାହିତ୍ୟ, ଅର୍ଥନୀତି, ଚଳଚ୍ଚିତ୍ର ଆଦି ବିଭିନ୍ନ କ୍ଷେତ୍ରରେ ଏମାନଙ୍କ ଉଲ୍ଲେଖନୀୟ ଅବଦାନକୁ କେହି ଅସ୍ୱୀକାର କରି ପାରିବେନି। ଦିନ ଥିଲା ଭାରତୀୟ ବିଦେଶକୁ ଶ୍ରମିକ ଭାବେ ଯାଉଥିଲେ ଆଜିକିନ୍ତୁ ସେହି ପ୍ରବାସୀ ଭାତୀୟ ବିଶ୍ୱର ପ୍ରତି କ୍ଷେତ୍ରରେ ସେମାନଙ୍କର ଦକ୍ଷତା ବିସ୍ତାର କରିବା ସହ ଦେଶ ତଥା ଜାତିକୁ ଗର୍ବିତ କରିଛନ୍ତି। ଏହିଭଳି ନିଜ ଦେଶ , ମା, ମାଟି ପ୍ରତି ସେମାନଙ୍କର ସମ୍ମାନବୋଧ ନିରନ୍ତର ତାଙ୍କୁ ହୃଦୟରେ ଥାଉ ଏତିକି ମାତ୍ର ଜଗନ୍ନାଥଙ୍କ ପାଖରେ ନିବେଦନ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ୮% ଦିବ୍ୟାଙ୍ଗମାନଙ୍କୁ ୩,୫୦୦ ଟଙ୍କା ଭତ୍ତା ପ୍ରଦାନ ସ୍ୱାଗତଯୋଗ୍ୟ ପଦକ୍ଷେପ

ଯାଜପୁର, ନ୍ୟୁଜ୍ ବ୍ୟୁରୋ







# ପ୍ରଭାତୀ ଖୋଡ଼ିଆଙ୍କ ନନ୍ଦପୁର ନୂତନ ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ

ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

# ବୌଦ୍ଧ ଜିଲ୍ଲାରେ ୨୯୦୧ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

# ରମ୍ଭାରେ ସୁରକ୍ଷା ବଳୟରେ ଜବର ଦଖଲ ଉଚ୍ଛେଦ

ରମ୍ଭା, ନ୍ୟୁଜ୍ ବ୍ୟୁରୋ





# କେନ୍ଦ୍ରାପଡ଼ାରୁ ୧୦୧ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

# ବାଳିକା ଆତ୍ମରକ୍ଷା ଶିବିର ଉଦ୍ଘାଟିତ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

# ଅଙ୍ଗନବାଡି ସଂଘର ନବରଙ୍ଗପୁର ବ୍ଲକ ସମ୍ମିଳନୀ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ



# ରାଣୀପୁର ଝରିଆଲର ଉନ୍ନତି ପାଇଁ ଓୟୁଜେର ଦାବି

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

# ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ ଉଦ୍ଘାଟିତ

ବାରିପଦା, ନ୍ୟୁଜ୍ ବ୍ୟୁରୋ

# ଆଦର୍ଶ ପ୍ରତିଭା ବିକାଶ ପରିଷଦର ରୌପ୍ୟଜୟନ୍ତୀ ଉତ୍ସବରେ ପୁସ୍ତକ ଉନ୍ମୋଚନ

କଟକ, ନ୍ୟୁଜ୍ ବ୍ୟୁରୋ



# ଚୌଦ୍ୱାର ସାହିତ୍ୟ ସଂସଦ ବାର୍ଷିକୋତ୍ସବ



ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ

କଟକ, ନ୍ୟୁଜ୍ ବ୍ୟୁରୋ

# ସୋଆରେ ଗବେଷଣା ପ୍ରଣାଳୀ ଉପରେ ଆୟୋଜିତ କର୍ମଶାଳା ଉଦ୍ଯାପିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ



# ଆଖଣ୍ଡମଣି ମନ୍ଦିରରେ ଭାଗବତ ଜ୍ଞାନଯଜ୍ଞ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

# ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ ପକ୍ଷରୁ ଯୁବ ଦିବସ ପାଳିତ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

# ଛଗରିଆ କଳପଡା ରାସ୍ତାର ହେବ ପୁନଃ ନିର୍ମାଣ:ଶୁଭ ଦେଲେ ବିଧାୟକ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ



## ଗୋକର୍ଣ୍ଣେଶ୍ୱର ହସ୍ତଶିଳ୍ପ କାରିଗର ସଂଘ ଗଠିତ

# ଜିଲ୍ଲା ସହକାରୀ ନିର୍ଦ୍ଦେଶକ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଦୃଢ଼ ଦାବି

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ



ଭୁବନେଶ୍ୱର
୨୦ ଜାନୁଆରୀ
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ରସିକେଷୁ...


ସେଦିନ ରାତିରେ କାମଦାମ ସାରି ପତି ମହୋଦୟ ଶୋଇବା ଘରକୁ ଆସିବାରୁ ତାଙ୍କ ସ୍ତ୍ରୀ ତାଙ୍କୁ ମୁହଁ ଶୁଖାଇ କହିଲେ- ତମେ ଟିକେ ସେପଟକୁ ଶୁଅ। ମୋତେ ଭଲ ଲାଗୁନାହିଁ। ପତିଦେବ ଉଁ ଚୁଁ ନକରି ଆରପଟକୁ ମୁହଁ ବୁଲାଇ ଶୋଇ ପଡିଲେ ବି ପୁରୁଣା ଅଭ୍ୟାସବଶତଃ ସ୍ତ୍ରୀଙ୍କ ପିଠି ଥାପୁଡାଇ ପଚାରିଲେ, ତମର ଆଜି କ'ଣ ହୋଇଛି ?

ସ୍ତ୍ରୀ କହିଲେ- ମୁଁ କାଲି ଡାକ୍ତରଙ୍କ ପାଖକୁ ଯିବି।

ସ୍ୱାମୀ ପଚାରିଲେ -କୋଉ ଡାକ୍ତର ?

ସ୍ତ୍ରୀରୋଗ ବିଶେଷଜ୍ଞ। ତେଣୁ ଶାରୀରିକ ପରିଚ୍ଛନ୍ନତା ଦୃଷ୍ଟିରୁ ତୁମେ ମୋତେ ଆଜି ଆଉ ବିରକ୍ତ କରନାହିଁ।

ସ୍ୱାମୀ ବୁଝିଗଲେ। ସେପଟକୁ ମୁହଁ ବୁଲାଇ ଶୋଇଲେ। ତଥାପି ପୁରୁଣା ଅଭ୍ୟାସ ଯାଏ କୁହାଡେ ! ଅଳ୍ପ କିଛି ସମୟ ପରେ ସ୍ତ୍ରୀଙ୍କ ଆଡକୁ ମୁହଁ ବୁଲାଇ ତାଙ୍କୁ ଟିକିଏ ହଲେଇ ଦେଇ ପଚାରିଲେ ଆସନ୍ତାକାଲି ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଠାରୁ ଫେରି ଦାନ୍ତ ଡାକ୍ତରଙ୍କ ପାଖକୁ ଯିବାର ଯୋଜନା ତୁମର ନାହିଁ ତ ?



# ଅଷ୍ଟ୍ରେଲିଆରେ ହେବ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା : ରଥରେ ଲାଗିବ ପିପିଲି ଚାନ୍ଦୁଆ

ଭୁବନେଶ୍ୱର ୧୯।୧ ନ୍ୟୁଜ ବ୍ୟୁରୋ

ବିଶ୍ୱ ଦେଖିବ ଜଗନ୍ନାଥ ସଂସ୍କୃତି । ଅଷ୍ଟ୍ରେଲିଆରେ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବେ ବିଶ୍ୱବାସୀ । ଓଡ଼ିଆ କମ୍ୟୁନିଟି ପକ୍ଷରୁ ଚଳିତ ବର୍ଷ ଆୟୋଜିତ କରାଯିବ ରଥଯାତ୍ରା । ଅଷ୍ଟ୍ରେଲିଆ ଓଡ଼ିଆ କମ୍ୟୁନିଟି ସଦସ୍ୟମାନେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ସିଡ୍‌ନିରେ ରଥଯାତ୍ରା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଛନ୍ତି । ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଉପସ୍ଥିତରେ ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିଛନ୍ତି ସିଡ୍‌ନିରେ ଥିବା ପ୍ରବାସୀ ଓଡ଼ିଆ । ଏହାସହ ରଥଯାତ୍ରାରେ ରଥରେ ଲାଗିବ ପିପିଲି ଚାନ୍ଦୁଆ । ୨୦ ଫୁଟ ଉଚ୍ଚତାର ରଥ ସହ ୫୦ ଫୁଟ ଗୋଲେଇ ଚାନ୍ଦୁଆ ରଥରେ ଲାଗିବ । ଏଥିପାଇଁ ପିପିଲି ଚାନ୍ଦୁଆ କାରିଗର ମଧ୍ୟ ମନ୍ତ୍ରୀଙ୍କୁ ଭେଟିଥିଲେ । ସିଡ୍‌ନିରେ ରଥଯାତ୍ରା ପାଇଁ ୫୧ ହଜାର ଟଙ୍କାର ପ୍ରଥମ ପ୍ରୋତ୍ସାହନ ରାଶି ସଂସ୍କୃତି ମନ୍ତ୍ରୀ ପ୍ରଦାନ କରିଛନ୍ତି । ରଥଯାତ୍ରା ପରେ ସିଡ୍‌ନିରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି ଅଷ୍ଟ୍ରେଲିଆରେ ରହୁଥିବା ଓଡ଼ିଆ । ଏହା ଏକ ଗୌରବର କଥା, ଜଗନ୍ନାଥ ସଂସ୍କୃତିର, ପିପିଲି ଚାନ୍ଦୁଆ ଶିଳ୍ପର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସହଯୋଗ ରହିବ ବୋଲି ମନ୍ତ୍ରୀ କହିଛନ୍ତି ।



# ଚଳିତ ବଜେଟ୍‌ରେ ରେଳ ଷ୍ଟେସନ୍ ବିକାଶ, ଅତ୍ୟାଧୁନିକ ଟ୍ରେନ୍‌କୁ ପ୍ରାଧାନ୍ୟ ସମ୍ଭାବନା

ନୂଆଦିଲ୍ଲୀ,୧୯/୦୧

ଆସନ୍ତା ମାସ ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍‌କୁ ଉପସ୍ଥାପନ କରିବେ । ବିଭିନ୍ନ କ୍ଷେତ୍ର ଏହି ବଜେଟ୍‌ରୁ ଅନେକ ଆଶା ବାନ୍ଧି ବସିଛନ୍ତି । ମଧ୍ୟବିତ୍ତ ଟିକସ ରିହାତି ଆଶାରେ ଥିବାବେଳେ ଶିଳ୍ପ ପ୍ରୋତ୍ସାହନକୁ ଚାହିଁ ବସିଛି । ମନ୍ଥର ଅଭିବୃଦ୍ଧିକୁ ଦ୍ରୁତ କରିବା ପାଇଁ ତଥା ଅର୍ଥନୀତିର ଗାଡ଼ିକୁ ଟ୍ରାକ୍‌କୁ ଆଣିବା ପାଇଁ ଅର୍ଥମନ୍ତ୍ରୀ ଅନେକ ପ୍ରସ୍ତାବ ଆଣିପାରନ୍ତି ବୋଲି ଆଶା । ଏଥର ରେଳ ପାଇଁ ବ୍ୟୟବରାଦ ୨୦% ବଢ଼ିପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି । ଚଳିତ ଆର୍ଥିକବର୍ଷ ଭାରତୀୟ ରେଳ ପାଇଁ ୨.୬୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟବରାଦ କରାଯାଇଥିବାବେଳେ ଏହା ଆସନ୍ତା ଆର୍ଥିକବର୍ଷ ଅର୍ଥାତ୍ ୨୦୨୫- ୨୬ ପାଇଁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିପାରେ ବୋଲି ଅଧିକାରୀଜଣକ କହିଛନ୍ତି । ଏଥର ବଜେଟରେ ରେଳ ଷ୍ଟେସନ୍‌ଗୁଡ଼ିକର ବିକାଶ, ଅତ୍ୟାଧୁନିକ ଟ୍ରେନ୍ ଲଞ୍ଚିଂ ଏବଂ ଟ୍ରାକ୍ ନେଟ୍‌ୱର୍କ ବିସ୍ତାରକୁ ପ୍ରାଥମିକତା ଦିଆଯିବା ଆଶା ରହିଛି । ରେଳପଥ ଆକଳନ ଅନୁସାରେ, ଚଳିତ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ପୁଞ୍ଜିବରାଦର ପ୍ରାୟ ୮୦% ଏଯାବତ୍ ଖର୍ଚ୍ଚ ହୋଇଛି । ରେଳବୋର୍ଡ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଛି । ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ ରାଶି ଖର୍ଚ୍ଚ ଆଶା ରହିଥିବା ରେଳପଥର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ଅଧିକ ପୁଞ୍ଜି ବରାଦ କରାଯାଇ ନୂଆ ଟ୍ରାକ୍ ବିଛାଯିବା ସହ ପୁରୁଣା ଟ୍ରାକ୍‌ଗୁଡ଼ିକର ଅପ୍‌ଗ୍ରେଡେସନ୍ ହେବ । ଏହାସହିତ ରୋଲିଂ ଷ୍ଟକ୍- ଲୋକୋମୋଟିଭ୍, ୱାଗନ୍ ଏବଂ କୋଚ୍ କିଣାରେ ଏହା ବ୍ୟୟ ହୋଇପାରେ । ବଜେଟ୍‌ରେ ମୁମ୍ବାଇ- ଅହମ୍ମଦାବାଦ ହାଇସ୍ପିଡ୍ ରେଲ୍ କରିଡର (ଏମ୍‌ଏଏଚ୍‌ଏସ୍‌ଆର) ଏବଂ ବୁଲେଟ୍ ଟ୍ରେନ୍ ପ୍ରକଳ୍ପକୁ ପ୍ରୋତ୍ସାହନ ମିଳିପାରେ । ଘରୋଇ ନିବେଶ ଟାଣିବା ପାଇଁ ଏଥର ବଜେଟ୍‌ରେ ପଦକ୍ଷେପ ନିଆଯାଇପାରେ । ମନ୍ଥର ଅଭିବୃଦ୍ଧିକୁ ବଳ ଦେବା ପାଇଁ ଆସିପାରେ ପ୍ରସ୍ତାବ । ସୂଚନାଯୋଗ୍ୟ, ଚଳିତ ଆର୍ଥିକବର୍ଷ ଦେଶର ଅର୍ଥନୈତିକ ଅଭିବୃଦ୍ଧି ୪ ବର୍ଷର ସର୍ବନିମ୍ନ ସ୍ତର ୬.୪% କୁ ଖସିବ ବୋଲି ଅନୁମାନ ରହିଛି । ଏହା ୨୦୨୩-୨୪ରେ ୮.୨% ଥିଲା । ଚଳିତ ଆର୍ଥିକବର୍ଷ ପାଇଁ ପୁଞ୍ଜିବ୍ୟୟ ବାବଦ ସରକାର ୧୧.୧ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଥିଲେ, ଯାହାକି ୨୦୨୩-୨୪ରେ ୧୦ ଲକ୍ଷ କୋଟି ଟଙ୍କା ଥିଲା ।




# ଜଷ୍ଟିସ ଅରିନ୍ଦମ ସିହ୍ନା ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି, ଆଜିଠୁ ସମ୍ଭାଳିବେ ଦାୟିତ୍ୱ



କଟକ, ୧୯/୧ ନ୍ୟୁଜ ବ୍ୟୁରୋ

ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କୁ ନିଯୁକ୍ତି ମିଳିଛି । ସେ ଆସନ୍ତା ୨୦ତାରିଖରୁ ଏହି ନୂଆ ଦାୟିତ୍ୱ ସମ୍ଭାଳିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ନିଯୁକ୍ତି ମିଳିବା ପରେ ଏନେଇ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ରବିବାର ଦିନ ଚାକିରିରୁ ଅବସର ନେଇଛନ୍ତି । ବିଜ୍ଞପ୍ତି ଅନୁସାରେ, ଆସନ୍ତା ଜାନୁଆରୀ ୨୦ତାରିଖରୁ ଜଷ୍ଟିସ ଅରିନ୍ଦମ ସିହ୍ନା ଓଡ଼ିଶା ହାଇକୋର୍ଟର କାମଚଳା ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ୧୯୬୫ ସେପ୍ଟେମ୍ବର ୨୨ରେ ଜନ୍ମିତ ଜଷ୍ଟିସ ସିହ୍ନା ୧୯୯୧ ମସିହା ମାର୍ଚ୍ଚ ମାସରେ ଓକିଲ ଭାବେ ପଞ୍ଜିକୃତ ହୋଇଥିଲେ । କୋଲକାତା ହାଇକୋର୍ଟରେ ପ୍ରାୟ ୨୨ବର୍ଷ ଧରି ପ୍ରାକ୍ଟିସ କରିବା ପରେ ତାଙ୍କୁ ୨୦୧୩ ଅକ୍ଟୋବର ୩୦ତାରିଖରେ ଅତିରିକ୍ତ ଜଜ୍ ଭାବେ ନିଯୁକ୍ତି ମିଳିଥିଲା । ୨୦୧୬ ମାର୍ଚ୍ଚ ୧୪ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୨୧ ଅକ୍ଟୋବର ୮ ତାରିଖରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ ।

# ବଲାଙ୍ଗିରରେ ଆୟକର ବିଭାଗର ଚଢ଼ଉ ଜାରି : ୬ଟି ସ୍ଥାନରେ ଚାଲିଛି ରେଡ୍



ବଲାଙ୍ଗିର ୧୯।୧ ନ୍ୟୁଜ ବ୍ୟୁରୋ

ବଲାଙ୍ଗିରରେ ଆୟକର ବିଭାଗର ରେଡ୍ ଜାରି ରହିଛି । ତୃତୀୟ ଦିନରେ ଆୟକର ବିଭାଗର ୬ଟି ଟିମ୍ ୬ଟି ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ବଲାଙ୍ଗିର ସହର ୩ଟି ସୁପର କ୍ଲାସ ଠିକାଦାରଙ୍କ ସହ ତାଙ୍କ କମ୍ପାନୀ ଓ ମୁରିବାହଲ, କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ସମ୍ପୂର୍ଣ୍ଣ ୬ଟି ସ୍ଥାନରେ ୬ଟି ଟିମ୍ ଜାରି ରଖିଛି ଚଢଉ । ବଲାଙ୍ଗିର ରାହୁଲ ମିଶ୍ର ତାଙ୍କ ଘର, କୋଶଳ ଟାୱାରରେ ଥିବା ତାଙ୍କ କାର୍ଯ୍ୟାଳୟ, ନିରୋଜ ଅଗ୍ରୱାଲଙ୍କ ପେଲେସଲାଇନ ସ୍ଥିତ ଘର, କାର୍ଯ୍ୟାଳୟରେ ଚାଲିଛି ରେଡ୍ । ସେହିପରି ବଙ୍ଗୋମୁଣ୍ଡାର ଠିକାଦାର କିଶନ ଲାଲ ଅଗ୍ରୱାଲ, ମୁରିବାହଲର ପୃଥ୍ୱୀରାଜ ପାତ୍ର ଓ କଣ୍ଟାବାଞ୍ଜିର ଜଗଦୀପ ବନସଲଙ୍କ ଘର, କାର୍ଯ୍ୟାଳୟ, ସମସ୍ତଙ୍କ କ୍ରସରରେ ଚାଲିଛି ରେଡ୍ । ତା'ସହ ଜଗଦୀପଙ୍କ ଛତିଶଗଡ ରାଏପୁର ଘର ସହ କାର୍ଯ୍ୟାଳୟରେ ମଧ୍ୟ ରେଡ୍ କରୁଛି ଆୟକର ବିଭାଗ । ତେବେ ତୃତୀୟ ଦିନରେ ଆୟକର ବିଭାଗ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଥିବା ନେଇ ସୂଚନା ମିଳିଛି । ତେବେ ଏହି ଠିକା ସଂସ୍ଥା ସହ କମ୍ପାନୀମାନଙ୍କ ଘର କାର୍ଯ୍ୟାଳୟରେ କିଛି କେଶ୍ ଟଙ୍କା ଓ ବହୁ ତଥ୍ୟ ଯାହାକି ଟିକସ ଫାଙ୍କିବା ସହ ବହୁ ହେରଫେର କରିଥିବା ନେଇ ତଥ୍ୟ ଲାଗିଛି ଆୟକର ବିଭାଗ ହାତରେ । ସେହିପରି କିଛି ଠିକାଦାରଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ସରିଥିବା ବେଳେ ସୋମବାର କିଛି ଆକାଉଣ୍ଟ ଖୋଲିବା ସହ ଲକର ମଧ୍ୟ ଯାଞ୍ଚ କରିବା ନେଇ ସୂଚନା ମିଳିଛି । ତେବେ ରବିବାର କିଛି ସ୍ଥାନରେ ରେଡ୍ ସମ୍ପୂର୍ଣ୍ଣ ହେବା ନେଇ ମଧ୍ୟ ସୂଚନା ମିଳିଛି ।

# ମାଟି ତଳେ ଥିବା ପ୍ରାକୃତିକ ସମ୍ପଦ ଖୋଜିବା ପାଇଁ ବ୍ୟବହାର ହେଉଛି ନୂଆ ଟେକ୍ନୋଲୋଜି

## ମୟୂରଭଞ୍ଜରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ



ଭୁବନେଶ୍ୱର ୧୯।୧ ନ୍ୟୁଜ ବ୍ୟୁରୋ

ଏଆଇ କହିବ କେଉଁଠି ଅଛି କେଉଁ ଖଣି । ମାଟି ତଳେ ଥିବା ପ୍ରାକୃତିକ ସମ୍ପଦ ଖୋଜିବା ପାଇଁ ବ୍ୟବହାର ହେଉଛି ନୂଆ ଟେକ୍ନୋଲୋଜି । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଆରମ୍ଭ ହୋଇଛି ପାଇଲଟ୍ ପ୍ରକଳ୍ପ । ଦୀର୍ଘ ବର୍ଷ ଧରି ବନ୍ଦ ଥିବା କନ୍ଧମାଳ, ମାଲକାନଗିରି ଭଳି ଦକ୍ଷିଣ ଓଡ଼ିଶା ଜିଲ୍ଲାରେ ବି ଜୋର୍ ଧରିବ ଖଣିଜ ସର୍ଭେ । ଲିଥିୟମ୍, କପର ଭଳି କ୍ରିଟିକାଲ ମିନେରାଲ ଖୋଜା ଉପରେ ଗୁରୁତ୍ୱ ଦେଉଛନ୍ତି ଭାରତ ସରକାର । ଓଡ଼ିଶାରେ ମଧ୍ୟ ଲିଥିୟମ୍ ଖୋଜୁଛି ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ । ନୟାଗଡ଼ ଜିଲ୍ଲାରେ ମାଟି ତଳେ ଲିଥିୟମ୍ ଥିବା ସଙ୍କେତ ପାଇଛି ଜିଏସ୍‌ଆଇ। କୋଣାର୍କରେ ହେବାକୁ ଥିବା ଦୁଇ ଦିନିଆ ଖଣି ମନ୍ତ୍ରୀ ସମ୍ମିଳନୀ ପୂର୍ବରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଜିଏସ୍‌ଆଇର ବୋର୍ଡ ବୈଠକ । ସବୁ ରାଜ୍ୟର ଖଣି, ଜିଏସ୍‌ଆଇ ଅଧିକାରୀ ମାନେ ଉପସ୍ଥିତ ଅଛନ୍ତି । ଓଡ଼ିଶାର ଖଣି ପରିଚାଳନା ସାରା ଦେଶ ପାଇଁ ମଡ୍ରେଲ ହୋଇଛି । ପ୍ରାୟ ୫୦ଭାଗ ଖଣିଜ ଯୋଗାଇ ଦେଶର ଖଣି ରାଜଧାନୀ ଭାବେ ପରିଚିତ ଓଡ଼ିଶାରେ ଏହି ବୈଠକ ଅନେକ ଗୁରୁତ୍ୱ ବହନ କରୁଛି ବୋଲି କେନ୍ଦ୍ର ଖଣି ସଚିବ ଏଲ୍ କାନ୍ତା ରାଓ କହିଛନ୍ତି ।

## କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀଙ୍କ ପ୍ରଥମ ଓଡ଼ିଶା ଗସ୍ତ

# ଖଣି ଏବଂ କୋଇଲା ଶିଳ୍ପ ସହ ଜଡ଼ିତ ଅଂଶୀଦାରଙ୍କ ସହ ଆଲୋଚନା



ଭୁବନେଶ୍ୱର, ୧୯/୧ ନ୍ୟୁଜ ବ୍ୟୁରୋ

କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ତାଙ୍କର ପ୍ରଥମ ଓଡ଼ିଶା ଗସ୍ତରେ ଆସି ରବିବାର ଖଣି ଏବଂ କୋଇଲା ଶିଳ୍ପ ସହିତ ଜଡିତ ବିଭିନ୍ନ ସରକାରୀ କ୍ଷେତ୍ର, ଘରୋଇ କ୍ଷେତ୍ର ଏବଂ ଶିଳ୍ପ ସଂଘର ଅଂଶୀଦାରମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା କରିଥିଲେ। ଭୁବନେଶ୍ୱର ସ୍ଥିତ ନାଲ୍‌କୋ ଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କ ସହିତ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭି.ଏଲ. କାନ୍ଥା ରାଓ ଏବଂ କୋଇଲା ଏବଂ ଖଣି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳତା ବନ୍ଦ ନେଇ ତୁରନ୍ତ କଠୋର ଆଇନ୍ ନନେବାକୁ ଅନୁରୋଧ କରିଛନ୍ତି ଯାତ୍ରା ମାଲିକ : ସୂର୍ଯ୍ୟବଂଶୀ ସୁରଜ



ଭୁବନେଶ୍ୱର ୧୯।୧ ନ୍ୟୁଜ ବ୍ୟୁରୋ

ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳତା ବନ୍ଦ ହେବା ନେଇ ପ୍ରତିକ୍ରିୟା ରଖିଛନ୍ତି ସୂର୍ଯ୍ୟବଂଶୀ ସୁରଜ । ମନ୍ତ୍ରୀ କହିଛନ୍ତି, ତୁରନ୍ତ କଠୋର ଆଇନ ନନେବାକୁ ଯାତ୍ରା ମାଲିକମାନେ ଅନୁରୋଧ କରିଛନ୍ତି ଓ ଖୁବ୍‌ଶୀଘ୍ର କଠୋର ଆଇନ ନନିଆଯାଇ କିଛି ସମୟ ସେମାନଙ୍କୁ ଦେବାକୁ ଅନୁରୋଧ କରିଛନ୍ତି ଯାତ୍ରା ମାଲିକ । ଖଣ୍ଡଗିରି ମେଳା ନେଇ ପୋଲିସ ବିଭାଗ ଓ ଗୃହ ବିଭାଗ ଆଇନ ଶୃଙ୍ଖଳା ଦିଗକୁ ଦେଖୁଛନ୍ତି । ଖୁବ୍‌ଶୀଘ୍ର ଅଶ୍ଳୀଳତାକୁ ନେଇ ମାର୍ଗଦର୍ଶିକା ଜାରି କରିବାକୁ ଯାଉଛୁ । ଯାତ୍ରା କମିଟି, ଯାତ୍ରା କଳାକାର ଏବଂ ଯାତ୍ରା ମାଲିକଙ୍କ ସହ ଆଲୋଚନା ହୋଇଛି । ଖୁବ୍‌ଶୀଘ୍ର କଠୋର ଆଇନ ନ ନିଆଯାଇ କିଛି ସମୟ ସେମାନଙ୍କୁ ଦେବାକୁ ଅନୁରୋଧ କରିଛନ୍ତି ଯାତ୍ରା ମାଲିକ ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତ ଗିରଫ : ଏଯାଏଁ ଧରାପଡ଼ିନି ମୁଖ୍ୟ କାର୍ପଟଦାର

ଭୁବନେଶ୍ୱର ୧୯।୧ ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱର ମଞ୍ଚେଶ୍ୱର ସତ୍ୟ ବିହାରରେ ପୋଲିସ ଏବଂ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟ କାର୍ପଟଦାର ଧରାପଡ଼ିନି । ବାଇକ୍ ଚୋରି ମାମଲାରେ ପୋଲିସ ରେଡ୍ କରୁଥିବା ବେଳେ ସେଠାରେ ଆତଙ୍କରାଜ ଚଳାଉଥିବା କିଛି କାର୍ପଟଦାର ପୋଲିସ ଉପରେ ଆକ୍ରମଣ କରିଥିଲେ । ଏପରିକି ଘଟଣାସ୍ଥଳକୁ ସୂଚନା ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ନିର୍ଘାତ ଆକ୍ରମଣ କରିଥିଲେ ଏହି ଆତଙ୍କୀ ଗୋଷ୍ଠୀ । ଏହି ଘଟଣାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିବା ବେଳେ ମଞ୍ଚେଶ୍ୱର ଥାନା ପୋଲିସ ପକ୍ଷରୁ ମଧ୍ୟ ଏକ ମାମଲା ରୁଜୁ ହୋଇଛି । ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ କାର୍ପଟଦାର ପୋଲିସକୁ ଚକମା ଦେଇ ଘୁରି ବୁଲୁଛି । କୁଆଡ଼େ ଗଲା ମୁଖ୍ୟ କାର୍ପଟଦାର । ରାଜଧାନୀରେ ପୋଲିସ ଏବଂ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ହେଲେ ଧରାପଡ଼ିନି ମୁଖ୍ୟ କାର୍ପଟଦାର । ରାତି ଅଧରେ ଚୋରା ଗାଡିରେ ତଦନ୍ତ କରିବାକୁ ଯାଇଥିବା କମିଶନରେଟ୍ ପୋଲିସକୁ ଆକ୍ରମଣ କଲେ । ଘରେ ପୁରେଇ ତାଲା ପକାଇ ଦେଲେ । ପୋଲିସକୁ ନିର୍ଘାତ ଆକ୍ରମଣ କଲେ । ସୂଚନା ସଂଗ୍ରହ କରିବାକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ କଲେ । ସବୁ କିଛି ପୋଲିସ ସାମ୍ନାରେ ଘଟୁଥିଲା । ପୋଲିସ ୩ ଜଣଙ୍କୁ ଧରିଛି । ହେଲେ ମୁଖ୍ୟ କାର୍ପଟଦାର ପୋଲିସ ଏବଂ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରି ଖୁଲମଖୁଲ୍ଲା ବୁଲୁଛି । ଅନ୍ୟପଟେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ବରିଷ୍ଠ ସାମ୍ବାଦିକ । ପୋଲିସ ଉପସ୍ଥିତିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବରିଷ୍ଠ ସାମ୍ବାଦିକ । ଗତ କିଛିଦିନରେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାର ନଜିର ବଢୁଥିବା ଦେଖି ସାମ୍ବାଦିକଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି । ସରକାରଙ୍କୁ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ଦାବି କରିଛନ୍ତି । ରାଜଧାନୀରେ ସାମ୍ବାଦିକଙ୍କୁ ଏପରି ଆକ୍ରମଣ ଘଟଣା ଚିନ୍ତାର ବିଷୟ ପାଲଟିଛି। ଆଗକୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ।



ସମ୍ପାଦକୀୟ
ପୃଷ୍ଠା-୪
ପଳାତକଙ୍କ ପାଇଁ ଚିନ୍ତାଙ୍କକ

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com

Vol-9 • Issue-28 • 15-21st January 2025 • Bhubaneswar

ଦୁଇ ଦେଶର ସମ୍ପର୍କ ଉପରେ ୟୁଏସ୍ ରାଷ୍ଟ୍ରଦୂତଙ୍କ ବୟାନ

'ଭାରତ ସହ ନିଜର ଭବିଷ୍ୟତକୁ ଦେଖୁଛି ଆମେରିକା'

ପ୍ରଧାନମନ୍ତ୍ରୀଙ୍କ ସାର୍ଟିଫିକେଟ ମାମଲା

କର୍ମଚାରୀଙ୍କ ପାଇଁ କାଳ ହେବ ଏଆଇର ବୃଦ୍ଧି

ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱର ୪୧% କମ୍ପାନୀ କର୍ମଶକ୍ତି ହ୍ରାସ କରିବାକୁ ହେଉଛନ୍ତି ପ୍ରସ୍ତୁତ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସଡ଼କ ସୁରକ୍ଷା ମାସରେ ଗଲାଣି ୮ ଜୀବନ : ଘରକୁ ସୁରକ୍ଷିତ ଫେରିବା ସ୍ୱପ୍ନ

## ରାଜ୍ୟରେ ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ଗଲାଣି ୪୭ ହଜାରରୁ ଅଧିକ ଜୀବନ

ଭୁବନେଶ୍ୱର,୧୯/୧ ନ୍ୟୁଜ ବ୍ୟୁରୋ

ରାଜ୍ୟରେ ସଡ଼କ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଅସମୟରେ ଜୀବନ ଦୀପ ଲିଭି ଯାଉଛି । ସଡ଼କ ସୁରକ୍ଷା ମାସ ପାଳନ ହେଉଛି, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଉଛି । କିନ୍ତୁ ରାଜଧାନୀର ରାସ୍ତାରେ ତା'ର କିଛି ପ୍ରଭାବ ପଡୁନି । ଘରୁ ଗୋଡ଼ କାଢ଼ିଲେ ବିପଦ । ସୁରକ୍ଷିତ ଜୀବନ ନେଇ ଫେରିବା ସ୍ୱପ୍ନ । ସଡ଼କ ସୁରକ୍ଷା ମାସରେ ୮ଜଣଙ୍କର ମୃତ୍ୟୁ ହୋଇଛି। ବର୍ଷ ଆରମ୍ଭରୁ ରାଜଧାନୀର ଡେଥ୍ ଜୋନ୍ ପାଲଟିଥିଲା ପଲାଶୁଣୀ । ଜଣେ କର୍ମଜୀବୀ ମହିଳାଙ୍କ ଜୀବନ ଚାଲିଯାଇଥିଲା । ରାପିଡୋ ବାଇକ୍‌ରେ ଯାଉଥିବା ଖୋର୍ଦ୍ଧା ବେଗୁନିଆର ପ୍ରଭାସିନୀ ପଣ୍ଡା ସହିଦନଗର ସ୍ଥିତ ତାଙ୍କ କର୍ମକ୍ଷେତ୍ରରେ ପହଞ୍ଚି ପାରିଲେନି । ଏହାର ଦୁଇ ଦିନ ପରେ ଭଗବାନପୁର ଶିଳ୍ପାଞ୍ଚଳରେ ୪ ବର୍ଷୀୟ ଆନନ୍ଦ ଦିଗଲ ଦୁର୍ଘଟଣାର ଶିକାର ହେଲା । ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ବାପା-ମା'ଙ୍କ ସାମ୍ନାରେ ଛଟପଟ ହୋଇ କୁନି ପୁଅଟି ମରିଗଲା । ଗତ ୧୩ରେ ଯାଁଳା ଫାଣ୍ଡି ସାମ୍ନାରେ କାର୍-ଟାଟା ଏସି ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା । ଗତ ଶନିବାର ସନ୍ଧ୍ୟାରେ ରାଜଭବନ ଭଳି ହାଇ ସିକ୍ୟୁରିଟି ଜୋନ୍‌ରେ ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଲା । ବାଇକ୍‌ରେ ଯାଉଥିବା ୨ ସମ୍ପର୍କୀୟ ଭାଇଙ୍କୁ ଦଳିଦେଲା । ଉଭୟେ କାମ ସାରି ଧଉଳି ସ୍ଥିତ ଘରକୁ ଫେରୁଥିଲେ । ସତେ ଯେମିତି ରାସ୍ତାରେ ପାଦେ ପାଦେ ଜଗିଛି ଯମ । ସଡ଼କ ସୁରକ୍ଷା ମାସକୁ ୩ ସପ୍ତାହ ବିତିନି, ଦୁର୍ଘଟଣାରେ ୮ଜଣଙ୍କ ଜୀବନ ଗଲାଣି। ସଡ଼କ ସୁରକ୍ଷା ମାସରେ ପରିବହନ ବିଭାଗ, ପୁଲିସ ପ୍ରଶାସନ ସବୁ ତତ୍ପର ହୋଇ ଉଠିଛନ୍ତି । ଦୁର୍ଘଟଣାକୁ ରୋକିବାକୁ ଚାରିଆଡ଼େ ସଚେତନତା ବାର୍ତ୍ତା ବଣ୍ଟାଯାଉଛି । ଟ୍ରାଫିକ୍ ନିୟମର କଡ଼ାକଡ଼ି ଯାଞ୍ଚ ଚାଲିଛି। ହେଲେ 'ସୁରକ୍ଷିତ ଭାବେ ଘରକୁ ଫେରିବା' ଥିମ୍‌ର ବିପରୀତ ଘଟୁଛି। ରାଜଧାନୀର ଟ୍ରାଫିକ୍ ବ୍ୟବସ୍ଥା ଏକରକମ ଭୁଶୁଡ଼ି ପଡ଼ିଛି । ସନ୍ଧ୍ୟା ହେଲେ, ସହରର ଚାରିଆଡ଼େ ଚକାଜାମ୍। କଟକ ରୋଡ୍, ଜନପଥ, ଲୁଇସ୍ ରୋଡ୍, ଜୟଦେବ ବିହାର-ନନ୍ଦନକାନନ ରାସ୍ତା, ସତ୍‌ସଙ୍ଗ ବିହାର-ପଲାଶୁଣୀ ରାସ୍ତାରେ ଟ୍ରାଫିକ୍ ଭିଡ଼ ଯମ ଯନ୍ତ୍ରଣା ଦେଉଛି । ରାଜଭବନ-ଏଜି ଛକ ଭଳି ପ୍ରଶସ୍ତ ରାସ୍ତାରେ ମଧ୍ୟ ଗାଡ଼ିର ଲାଇନ୍ ଲମ୍ବୁଛି । ୧୬ନଂ ଏନ୍‌ଏଚ୍‌ରେ ଥିବା ଓଭରବ୍ରିଜ୍‌ର ସର୍ଭିସ ରାସ୍ତାରେ ନାହିଁ ନଥିବା ଭିଡ଼ ହେଉଛି । ପ୍ରାୟ ସବୁ ରାସ୍ତାରେ ଟ୍ରାଫିକ୍ ଜାମ୍‌ର ମୁଖ୍ୟ କାରଣ ହେଉଛି ବେଆଇନ ପାର୍କିଂ । ଶହ ଶହ କାର୍, ବାଇକ୍ ରାସ୍ତାକୁ ମଡ଼ାଇ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି । ଅଟୋରିକ୍ସାଗୁଡ଼ିକ ରାସ୍ତା ମଝିରେ ଅଟକି ଯାତ୍ରୀ ବୁହାଉଛନ୍ତି। ଅନେକ ବାଇକ୍ ଚାଳକ ହେଲ୍‌ମେଟ୍ ପିନ୍ଧିବା ମନରୁ ପାଶୋରି ଗଲେଣି । ଦ୍ରୁତଗତି, ରଙ୍ଗ୍ ରୁଟ୍, ମଦ ପିଇ ଗାଡ଼ି ଚାଳନା ଦୃଶ୍ୟ ଦେହସୁହା ହୋଇଗଲାଣି । ଲାଗୁଛି, ସତେ ଯେମିତି ଅମାନିଆମାନେ ଟ୍ରାଫିକ୍ ଛାଟ ଭୁଲିଗଲେଣି। ନା କେଉଁଠି ଟ୍ରାଫିକ୍ ପୁଲିସ ଚେକିଂ କରୁଛି, ନା ଆରଟିଓର ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଦେଖା ମିଳୁଛି। ସୂଚନାଯୋଗ୍ୟ, ଗତ ୧୦ ବର୍ଷରେ ସଡ଼କ ଦୁର୍ଘଟଣାରେ ରାଜ୍ୟରେ ୪୭ ହଜାରରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ପ୍ରତିବର୍ଷ ୫ ହଜାର ଜଣ ଦୁର୍ଘଟଣାରେ ଆଖି ବୁଜୁଛନ୍ତି । ଚଳିତବର୍ଷ ସପ୍ତାହେ ବଦଳରେ ମାସେ ବ୍ୟାପୀ ସଡ଼କ ସୁରକ୍ଷା ମାସ ପାଳନ ହେଉଛି । କିନ୍ତୁ ସଡ଼କ ସୁରକ୍ଷା ଉପରେ ଏହାର କିଛି ପ୍ରଭାବ ଥିଲା ପରି ମନେ ହେଉନାହିଁ।

